# କ୍ରଶର ମାଲିକଙ୍କୁ ତାଗିଦ, ବ୍ଲାଷ୍ଟିଂ ସମ୍ପର୍କରେ ଅଧିକାରୀ ନୀରବ

ଖଇରା, ୧୯।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ ସଂଲଗ୍ନ ଅଞ୍ଚଳରେ ଚାଲିଥିବା କ୍ରଶରଗୁଡିକର ଯାଞ୍ଚ ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ବେଳେ ବୁଧବାର ୩ଟି ଖଣି ଉପରେ ମାମଲା ରୁଜୁ କରାଯାଇଛି। ଗୁରୁବାର ଅପରାହ୍ନରେ ଖଇରା ଥାନା ପରିସରରେ ଅଧିକାଂଶ କ୍ରଶର ମାଲିକ ଉପସ୍ଥିତିରେ ଆୟୋଜିତ ବୈଠକରେ ଏସ୍‌ଡିପିଓ ପ୍ରମୋଦ ମଲ୍ଲିକ ଶୁକ୍ରବାରଠାରୁ ସମସ୍ତ କ୍ରଶରଗୁଡିକରେ ଗଚ୍ଛିତ ପଥର ଓ ପରିବେଶ ପ୍ରଦୂଷଣ ଉପରେ ହେବାକୁ ଥିବା ଯାଞ୍ଚ ପାଇଁ ସହଯୋଗ କରିବାକୁ କହିଥିଲେ। ଏଥିପାଇଁ ସମସ୍ତଙ୍କୁ ଧାରା ୯୦ରେ ନୋଟିସ କରାଯାଇଛି। ଖଣି, ପ୍ରଦୂଷଣ ନିୟନ୍ତ୍ରଣ, ରାଜସ୍ୱ, ପୋଲିସକୁ ନେଇ ଗଠିତ ଯାଞ୍ଚ ଟିମ୍ ଶୁକ୍ରବାରଠାରୁ ସମସ୍ତ ଖଣି ଯାଞ୍ଚ କରିବେ ବୋଲି ପ୍ରକାଶ କରିଥିଲେ। ବୈଠକରେ ଖଇରା ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ବ୍ଲାଷ୍ଟିଂ ତଥା ପଥର ଚୋରି ସମ୍ପର୍କରେ ଏସ୍‌ଡିପିଓଙ୍କୁ ପଚାରିଥିବା ବିଭିନ୍ନ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ବର୍ତ୍ତମାନ ପାହାଡରେ ସବୁଦିନ ବ୍ଲାଷ୍ଟିଂ ଚାଲିବା, ଜିଲାପାଳଙ୍କ ପ୍ରତିଶ୍ରୁତି ଅନୁଯାୟୀ ସିସି କ୍ୟାମେରା ଲଗା ନ ଯିବା ବା ଚେକପୋଷ୍ଟ ନ ବସିବା, ପରିବେଶ ଅନୁମତି ଅଭାବରୁ ଲଘୁଖଣିଜ ଉତ୍ତୋଳନ ବନ୍ଦ ଥିବା ବେଳେ ନୂତନ କ୍ରଶର ଖୋଲିବାକୁ ଅନୁମତି ପ୍ରଦାନ କରାଯିବାକୁ ନେଇ ଖବରଦାତା ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଭାରତୀୟ ନ୍ୟାୟ ସଂହିତା ଧାରା ୧୬୩ରେ ସମୟସୀମା ସରିଯାଇଥିବାରୁ ବ୍ଲାଷ୍ଟିଂ ଚାଲୁଥିବା ବିଷୟରେ ଏସ୍‌ଡିପିଓ ସ୍ୱୀକାର କରିଥିବା ବେଳେ ରାତିଅଧରେ ପ୍ରଶାସନ ସେଠାରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବାକୁ ଅସମର୍ଥ ବୋଲି କହିଥିଲେ। ବୈଠକରେ ଏସ୍‌ଡିପିଓଙ୍କ ସମେତ ଖଇରା ଥାନା ଆଇଆଇସି ଜନ୍ ପଟ୍ଟନାୟକ, ତହସିଲଦାର ଅମିତ ରଞ୍ଜନ ହୋତା, ଜୁନିୟର ଖଣି ଅଧିକାରୀ ଅଭିଷେକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶାରୀଶୁଆ ପାହାଡରେ କିଛି ବର୍ଷ ଧରି ନାମକୁମାତ୍ର ଚଢାଉ ଚାଲିଥିବା ବେଳେ ଜିଲା ବାହାରର କିଛି ଖଣି ବ୍ୟବସାୟୀଙ୍କ ଚାପରେ ଏବେ କ୍ରଶର ଚଢାଉ ନାଟକ ଭିତିରି ବୁଝାମଣା ପାଇଁ ଉଦିଷ୍ଟ ବୋଲି ଖଣି ସଂଲଗ୍ନ ଗ୍ରାମର ଅଧିବାସୀମାନେ ଅଭିଯୋଗ କରିଛନ୍ତି।



ଖଇରା ଥାନା ପରିସରରେ କ୍ରଶର ମାଲିକଙ୍କ ବୈଠକ ଓ ଖବରଦାତା ସମ୍ମିଳନୀ।

## 'ସମବାୟ ସମିତି କୃଷକର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଛି'



ବୈଠକରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଭୋଗରାଇ, ୧୯।୩(ପ୍ରଦୀପ ଦାସ)

ସମବାୟ ସମିତି ଗଠନ ହେବାଠାରୁ କୃଷି ଓ କୃଷକର ଉନ୍ନତି ସାଧିତ ହୋଇଥିବା ବେଳେ କୃଷକର ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ହୋଇଛି ବୋଲି ବୁଧବାର ଅପରାହ୍ନରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗୁରେଇଁବାଣ ସେବା ସମବାୟ ସମିତି ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ଏହି ସମବାୟ ସମିତିର ସଭାପତି ଆଶିଷ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭୋଗରାଇ ଶାଖା ପରିଚାଳକ ଅନନ୍ତ ଦାସ, ସମ୍ମାନିତ ଅତିଥି ସରପଞ୍ଚ ସୁମତି ପାତ୍ର, ସେବା ସମବାୟ ସମିତିର ନିର୍ଦ୍ଦେଶକ ପ୍ରଦୀପ ମହାନ୍ତି, ନିର୍ମଳ ପାତ୍ର, ରବୀନ୍ଦ୍ର ପାତ୍ର, ଗଣପତି ନାୟକ, ଦେବାଶିଷ ଦାସ, ପୁଷ୍ପଲତା ପ୍ରଧାନ, ସଞ୍ଜୟ ଜେନା, ହେମନ୍ତ କୁମାର ସି ଓ ଉପସଭାନେତ୍ରୀ ସସ୍ମିତା ଦେ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଭାରପ୍ରାପ୍ତ ସମ୍ପାଦକ ସପନ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଜୀବନକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ସମବାୟ ସମିତିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଚଉମୁଖ ବାରୁଣୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବାଲିଆପାଳ, ୧୯।୩(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅନ୍ତର୍ଗତ ଚଉମୁଖ ବେଳାଭୂମି ଉଦ୍ୟାନଠାରେ ବୁଧବାର ବାରୁଣୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଶିକ୍ଷକ ରମଣୀକାନ୍ତ ମଣ୍ଡଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସ ଓ ମୁଖ୍ୟବକ୍ତା ଭାବେ ଖବରଦାତା ସୁବଳ ଚନ୍ଦ୍ର ଦାସ ଯୋଗଦେଇ କମିଟିର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିବା ସହିତ ଏହି ଉତ୍ସବ ଭାଇଚାରା, ସମ୍ପର୍କ ଓ ଆବେଗ ବୃଦ୍ଧି ହେବାରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଆପାଳ ବ୍ଲକ ଏନ୍‌ଆର୍‌ଇଜିଏସ୍ ଅତିରିକ୍ତ ପ୍ରୋଗ୍ରାମ ଅଧିକାରୀ ସୌମ୍ୟକାନ୍ତ ଦାସ, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ପାତ୍ର, ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲିଆପାଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେଶ କୁମାର ଚୌଧୁରୀ ମଞ୍ଚ ସଞ୍ଚାଳନ କରିଥିଲେ। କମିଟି ସଭାପତି ବିନୋଦ କର ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ବେଣୁଧର ରଣଜିତ୍, ଯୁବନେତା ତୀର୍ଥ କୁମାର ନାଗ, ପ୍ରଶାନ୍ତ ଦାସ, କାଳୀଚରଣ ମାନ୍ନା, ଅର୍ଜୁନ ଦାସ, ରାମଚନ୍ଦ୍ର ଜେନା, ସଞ୍ଜୟ ପାତ୍ର ପ୍ରମୁଖ କମିଟିର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ।



ମଞ୍ଚାସୀନ ଅତିଥି ବୃନ୍ଦ।

## ପଦ୍ମ ପୋଖରୀରୁ ବେଆଇନ ମାଛଧରା ଅଭିଯୋଗ

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୱାର୍ଡବାସୀ

ଜଳେଶ୍ୱର, ୧୯।୩(ନବୀନ ସାହୁ)

ଜଳେଶ୍ୱର ପୌରପରିଷଦ ଅଧୀନ ୧୧ ନମ୍ବର ୱାର୍ଡରେ ଥିବା ଐତିହାସିକ ଡିଷ୍ଟ୍ରିକ୍ଟ ବୋର୍ଡ ପଦ୍ମପୋଖରୀକୁ ନେଇ ଏବେ ବିବାଦ ତେଜିବାରେ ଲାଗିଛି। କେତେକ ବ୍ୟକ୍ତି ଚକ୍ରାନ୍ତ କରି ବେଆଇନ ଭାବେ ପୋଖରୀରୁ ପାଣି ନିଷ୍କାସନ କରିବା ସହ ମାଛ ଧରୁଥିବା ନେଇ ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଏହି ପୋଖରୀକୁ ପୌରପାଳିକା ପକ୍ଷରୁ ପ୍ରତି ତିନିବର୍ଷରେ ଥରେ ଲିଜ୍ ଦିଆଯାଇଥାଏ। ୨୦୨୪ ମସିହା ଫେବୃଆରୀରେ ପୂର୍ବ ଲିଜ୍‌ର ଅବଧି ଶେଷ ହୋଇଥିଲା। ନିୟମ ଅନୁଯାୟୀ, ଅବଧି ଶେଷ ପରେ ପୁନଃ ଟେଣ୍ଡର ପ୍ରକ୍ରିୟା ହେବା କଥା, କିନ୍ତୁ ତାହା ନ ହୋଇ କେତେକ ପ୍ରଭାବଶାଳୀ ବ୍ୟକ୍ତି ଏହାର ସୁଯୋଗ ନେଇଛନ୍ତି। ଅଭିଯୋଗ ଅନୁଯାୟୀ, ଲିଜ୍ ଅବଧି ସରିବା ସତ୍ତ୍ୱେ କେତେକ ବ୍ୟକ୍ତି ବେଆଇନ ଭାବେ ପୋଖରୀରୁ ପାଣି ଶୁଖାଇ ମାଛ ଧରି ବ୍ୟବସାୟ କରୁଛନ୍ତି। ପ୍ରଚଣ୍ଡ ଖରା ସମୟରେ ପାଣି ଶୁଖିଯାଉଥିବାରୁ ସ୍ଥାନୀୟ ଜନସାଧାରଣ, ଗୃହପାଳିତ ପଶୁ ଏବଂ ପକ୍ଷୀମାନେ ଜଳାଭାବର ସମ୍ମୁଖୀନ ହେଉଛନ୍ତି। ଏହି ପୋଖରୀ ସ୍ଥାନୀୟ ଅଞ୍ଚଳର ଏକମାତ୍ର ଜଳଉତ୍ସ ହୋଇଥିବାରୁ ଏହା ଉପରେ ଶତାଧିକ ପରିବାର ନିର୍ଭର କରନ୍ତି। ଏହି ସମସ୍ୟା ନେଇ ପୂର୍ବରୁ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ପୂର୍ବରୁ ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ପୂର୍ବତନ ପୌର ଉପାଧ୍ୟକ୍ଷ ମହିର ଦାସ, ବାପି କାମିଲା, ଶଶିକାନ୍ତ ପ୍ରଧାନ, ସତ୍ୟନାରାୟଣ କର, ରଞ୍ଜନ କୁମାର ପାଲ ଓ ଅନ୍ୟ ଗ୍ରାମବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଏ ସମ୍ପର୍କରେ ଜଳେଶ୍ୱର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଷୟଟି ଆମ ଦୃଷ୍ଟିକୁ ଆସିଛି। ନୋଟିସ ଜାରି କରି ଏହାର ପ୍ରତିକାର ପାଇଁ ବ୍ୟବସ୍ଥା କରାଯିବ।

## 'ପୁସ୍ତକାଗାର ଅନୁଷ୍ଠାନର ମୁଖଶାଳା'



ଅତିଥିଙ୍କ ଦ୍ୱାରା ସମ୍ମିଳନୀ ମୁଖପତ୍ର ଉନ୍ମୋଚନ କରାଯାଉଛି।

### ଏଫ୍‌ଏମ୍‌ୟୁରେ ଦୁଇଦିନିଆ ଜାତୀୟ ସମ୍ମିଳନୀ

### 'କୃତ୍ରିମ ବୁଦ୍ଧିମତ୍ତା ସହିତ ଉପଯୋଗକାରୀମୁଖୀ ପୁସ୍ତକାଗାର ଉନ୍ନତିର ଆଧୁନିକ ପଦ୍ଧତି'

ବାଲେଶ୍ୱର, ୧୯।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'କୃତ୍ରିମ ବୁଦ୍ଧିମତା ସହିତ ଉପଯୋଗକାରୀମୁଖୀ ପୁସ୍ତକାଗାର ଉନ୍ନତିର ଆଧୁନିକ ପଦ୍ଧତି' ବିଷୟରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଗୁରୁବାର ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପୁସ୍ତକାଗାର ଓ ସୂଚନା ବିଜ୍ଞାନ ସ୍ନାତକୋତ୍ତର ବିଭାଗ ଓ ଓଡ଼ିଶା ଲାଇବ୍ରେରୀ ଏକାଡେମୀ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଛି। ଉଦ୍‌ଘାଟନୀ ସଭାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା ଏକ ଅନୁଷ୍ଠାନର ପୁସ୍ତକାଗାର ହିଁ ଏହାର ମୁଖଶାଳା ହୋଇଥାଏ। ପୁସ୍ତକାଗାର ସମସ୍ତଙ୍କ ପାଇଁ ଜ୍ଞାନ ଆହରଣର ସ୍ଥଳୀ ଭାବେ ପରିଚିତ ହେବା ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଓଡ଼ିଶା ପୁସ୍ତକାଗାର ଏକାଡେମୀ, ଭୁବନେଶ୍ୱରର ସେକ୍ରେଟେରୀ ବିଜୟକେତନ ପଣ୍ଡା ଓ ଅଧ୍ୟକ୍ଷ ଡ. ବିଭୂତି ଭୂଷଣ ସାହୁ ଆଧୁନିକ ପୁସ୍ତକାଗାର ସେବାରେ କୃତ୍ରିମ ବୁଦ୍ଧିମତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଲାଇବ୍ରେରୀ ଓ ଇନଫରମେଶନ ସାଇନ୍ସ ବିଷୟର ପାଠ୍ୟକ୍ରମରେ କ୍ୟାରିୟର ଗଠନ, ଉନ୍ନତମାନର ଲାଇବ୍ରେରୀର ଆବଶ୍ୟକତା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ପ୍ରଫେସର ଦୁର୍ଗାଶଙ୍କର ରଥ ଯୋଗଦେଇ 'ପ୍ରଣାଳୀଗତ ସମୀକ୍ଷା ଓ ପ୍ରମାଣ ଆଧାରିତ ଅଧ୍ୟୟନରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର' ବିଷୟରେ କହିଥିଲେ। ଏହି ସମ୍ମିଳନୀରେ ଦୁଇଟି ପ୍ରାୟୋଗିକ ଅଧିବେଶନରେ ମୋଟ ୬ଟି ଆମନ୍ତ୍ରିତ ବ୍ୟାଖାନ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଗବେଷକ ଓ ବ୍ୟବହାରକାରୀଙ୍କ ଦ୍ୱାରା ୫୦ରୁ ଅଧିକ ଗବେଷଣାପତ୍ର ପ୍ରସ୍ତୁତ କରାଯାଇଛି। ସମ୍ମିଳନୀ ନିର୍ଦ୍ଦେଶକ ଡ଼. ଜଗନ୍ନାଥ ବେହେରା ସ୍ୱାଗତଭାଷଣ, ଆୟୋଜନ ସଚିବ ଡ଼. ମନୋଜ କୁମାର ଆଚାର୍ଯ୍ୟ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସହାୟକ ଅଧ୍ୟାପକ ବିଶ୍ୱଜିତ ସାହୁ କାର୍ଯ୍ୟକ୍ରମ ସମନ୍ୱୟ ଓ ସହାୟକ ଅଧ୍ୟାପକ ଚିନ୍ମୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ହାତୀ ଆକ୍ରମଣରେ ଶିଶୁ ମୃତ୍ୟୁ ଘଟଣା

## ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କଲା ସିପିଏମ୍

ଜଳେଶ୍ୱର, ୧୯।୩(ନବୀନ ସାହୁ)

ଜଳେଶ୍ୱର ବ୍ଲକ ଖୁଆଡ଼ ପଞ୍ଚାୟତର କେନ୍ଦୁଖୁଣ୍ଟା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ୨ ବର୍ଷର ଶିଶୁର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ସିପିଏମ୍‌ର ଏକ ପ୍ରତିନିଧି ଦଳ ପୀଡ଼ିତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଜରୁରୀକାଳୀନ ସହାୟତା ପ୍ରଦାନ କରିଛନ୍ତି। ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଓ ବରିଷ୍ଠ ନେତା ଦିଲୀପ କୁମାର ଗିରିଙ୍କ ନେତୃତ୍ୱରେ ଦଳ ପକ୍ଷରୁ ମୃତ ଶିଶୁଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ଏକ ପକ୍କା ଘର ଯୋଗାଇ ଦେବାକୁ ଦାବି କରାଯାଇଛି। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସିପିଏମ୍ ଚେତାବନୀ ଦେଇଛି।

## ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର, ୧୯।୩
(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲା ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମେ ଆଇ ହେଲ୍ପ ୟୁ' ଓ 'ଭରସା'ର ମିଳିତ ସହଯୋଗରେ ସ୍ଥାନୀୟ ବାଲେଶ୍ୱର ମହିଳା କଲେଜଠାରେ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗଦେଇ ଉପଭୋକ୍ତା ଦ୍ରବ୍ୟ କିଣିବା ବେଳେ ଏହାର ମାନ, ଓଜନ ଓ ଗୁଣବତ୍ତା ସମ୍ପର୍କରେ ସଚେତନତା ହେବାର ଆବଶ୍ୟକତା ଅଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଓଜନ ମାପ ଓ ବୈଧ ନିୟନ୍ତ୍ରକ ସମ୍ବିତ କୁମାର ଦାସ, ପ୍ରବର୍ତ୍ତନ ଅଧିକାରୀ ଶୁଭେନ୍ଦୁ ଲେଙ୍କା, ମହିଳା କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ନାୟକ ଓ ଭରସାର ସମ୍ପାଦକ ଯାଦବେଶ ମିଶ୍ର ପ୍ରମୁଖ ଉପଭୋକ୍ତା ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମେ ଆଇ ହେଲ୍ପ ୟୁର ସମ୍ପାଦକ ଉବାଚକ ମହାନ୍ତି ସଭାପତିତ୍ୱ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ୩୯୭ ହିତାଧିକାରୀ ପଞ୍ଜୀକୃତ

ବାଲେଶ୍ୱର, ୧୯।୩(ବାଞ୍ଛାନିଧି ଦେ)

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗୁରୁବାର ବାଲେଶ୍ୱର ସଦର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡିଓ ଉତ୍ତମ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ଏବିଡିଓ ମାୟାଧର ମଲ୍ଲିକ ଯୋଗଦେଇ ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ-୨୦୨୬ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଶିବିରରେ ମୋଟ୍ ୩୯୭ ଜଣ ହିତାଧିକାରୀ ନାମ ପଞ୍ଜିକରଣ କରିଥିଲେ। ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡା. ଶୁଭମ ଚୌଧୁରୀ, ଭେଷଜ ବିଶେଷଜ୍ଞ ଡା. ଯତୀନ୍ଦ୍ର କୁମାର ଦାସମହାପାତ୍ର, ଚକ୍ଷୁ ବିଶେଷଜ୍ଞ ଡା. ସୁଜିତ ନାରାୟଣ ମହାପାତ୍ର, ମାନସିକ ରୋଗ ବିଶେଷଜ୍ଞ ଡା. ବିକାଶ ରଞ୍ଜନ ଦାସ ଯୋଗଦେଇ ହିତାଧିକାରୀଙ୍କ ସ୍ୱାସ୍ଥ୍ୟପରୀକ୍ଷା ସହ ଚିହ୍ନଟ କରିଥିଲେ। ଦୃଷ୍ଟିବାଧିତ ବିଭାଗରେ ୫୧ଜଣ, ମାନସିକ ଅନଗ୍ରସର ବିଭାଗରେ ୭୨ଜଣ, ଅସ୍ଥିଶଲ୍ୟ ବିଭାଗରେ ୨୫୬ଜଣ ଓ ଭେଷଜ ବିଭାଗରେ ୧୮ଜଣଙ୍କ ନାମ ପଞ୍ଜିକୃତ ହୋଇଥିଲା। ବିଏସ୍‌ଏସ୍‌ଓ ଶର୍ମିଷ୍ଠା ପାତ୍ର, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପ୍ରକାଶ ଚନ୍ଦ୍ର ଜେନା, ମୁଖ୍ୟ କିରାଣୀ ମହେଶ୍ୱର ଶିଅଳଙ୍କ ସମେତ ବ୍ଲକ କର୍ତ୍ତୃପକ୍ଷ ଶିବିର ପରିଚାଳନା କରିଥିଲେ।



ଶିବିରରେ ଉପସ୍ଥିତ ହିତାଧିକାରୀ।

## କାଠଚୁଲି ଭରସା

ବାଲିଆପାଳ, ୧୯।୩(ରାଜଶ୍ରୀ ପାଣିଗ୍ରାହୀ)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପାଇଁ ଭାରତରେ ଦେଖାଦେଇଛି ଏଲ୍‌ପିଜି ଗ୍ୟାସ ସଙ୍କଟ। ଏହାର ପ୍ରଭାବ ସିଧାସଳଖ ପଡ଼ିଛି ଉପଭୋକ୍ତା ଓ ବ୍ୟବସାୟଙ୍କ ଉପରେ। ଏବେ ଗ୍ୟାସ ସଙ୍କଟ ବେଳେ କାଠ ଚୁଲିର ଆଦର ବଢୁଥିବା ଦେଖିବାକୁ ମିଳୁଛି।

ବାଲିଆପାଳ ବ୍ଲକରେ ୩ଟି ଗ୍ୟାସ ବିତରକ କେନ୍ଦ୍ର ରହିଛି। ତନ୍ମଧ୍ୟରୁ ଜାମକୁଣ୍ଡା ଛକ ନିକଟରେ ହରପ୍ରିୟା ଏଲ୍‌ପିଜି, ଲଙ୍ଗଳେଶ୍ୱର ବଜାରଠାରେ ଜଗନ୍ନାଥ ଇଣ୍ଡେନ, କରଞ୍ଜଠାରେ ରାଧାଦାମୋଦର ଇଣ୍ଡେନ ଗ୍ୟାସ ବିତରକ କେନ୍ଦ୍ର ରହିଛି। ନିୟମ ଅନୁସାରେ ଗୋଟିଏ ବର୍ଷରେ ଜଣେ ଉପଭୋକ୍ତା ୮ଟି ସିଲିଣ୍ଡର ବୁକିଂ କରିପାରିବ। କିଛି ପରିବାରର ସଦସ୍ୟ କମ୍ ଥିବାରୁ ଏତେ ସିଲିଣ୍ଡରର ଆବଶ୍ୟକତା ପଡ଼େ ନାହିଁ। ଏହାର ଫାଇଦା ସିଧାସଳଖ ଦଲାଲ ଉଠାଉଥିଲେ। ସାଧାରଣ ଉପଭୋକ୍ତାଙ୍କ ଖାତାକୁ ନିଜ ପାଖରେ ରଖି ଖାତାରୁ ସିଲିଣ୍ଡର ଉଠାଇ ଦଲାଲମାନେ ଅଧିକ ଦାମ୍‌ରେ ଚୋରାରେ ବିକ୍ରି କରି ମାଲାମାଲ ହେଉଥିଲେ। ଉପଭୋକ୍ତାଙ୍କ ଖାତାକୁ କେବଳ ଅଳ୍ପ କିଛି ସବସିଡି ଆସୁଥିଲା। ଏବେ ଗ୍ୟାସ ସଙ୍କଟ ହେଉଥିବାରୁ ଉପଭୋକ୍ତା ସଜାଗ ହୋଇଛନ୍ତି। ବଳକା ଗ୍ୟାସ ବୁକିଂ ଲାଗି ଅଫିସରେ ଭିଡ ଜମାଉଛନ୍ତି। କାଠ ଚୁଲିରେ ନିଜେ ରୋଷେଇ କରି ଗୋଟିଏ ଟାଙ୍କି ପିଛା ୩୦୦୦ ହଜାର ଟଙ୍କାରେ ହୋଟେଲ, ଫାଷ୍ଟଫୁଡ ଦୋକାନ, ରେଷ୍ଟୁରାଣ୍ଟ ଆଦିରେ ବିକ୍ରି କରୁଛନ୍ତି। ଏନେଇ ଗ୍ୟାସ ବିତରକ ଜଗନ୍ନାଥ ବାରିକେ କହିଛନ୍ତି ବର୍ଷରେ ସାଧାରଣ ଉପଭୋକ୍ତା ଦୁଇଟା କି ଚାରିଟା ବୁକିଂ କରୁଥିଲେ, ଏବେ ୮ଟି ବୁକିଂ କରୁଛନ୍ତି। ଫଳରେ ସମସ୍ୟା ଉପୁଜୁଛି। ଅନ୍ୟପକ୍ଷରେ ଗୃହିଣୀ ସୌଦାମିନି ଜେନା, ତପସ୍ୱିନୀ କର, ମଞ୍ଜୁଲତା ବାରିକ, ଝରଣା ରାଉତ, ପ୍ରିୟଙ୍କା ଦାସ, ମଞ୍ଜୁଲତା ଧଳ, ଛନ୍ଦାରାଣି ପାଣିଗ୍ରାହୀ ପ୍ରମୁଖ କହିଛନ୍ତି ଯେ, ଏମିତିରେ ବି କାଠ ଚୁଲିରେ ରୋଷେଇ ସୁସ୍ୱାଦୁ ଏବଂ ଶରୀର ପାଇଁ ହିତକର। ଗ୍ୟାସ ସଙ୍କଟ ବେଳେ ଚୁଲିରେ ରୋଷେଇ କରି ଖାଇବାରେ କିଛି ଅସୁବିଧା ନାହିଁ।



କାଠ ଚୁଲିରେ ରାନ୍ଧୁଛନ୍ତି ଜଣେ ମହିଳା।

## ହିନ୍ଦୁ ନବ ବର୍ଷରେ ପଥ ଉତ୍ସବ

## ମନମୋହିଲା ସୂର୍ଯ୍ୟ ଆଳତି

ବାଲେଶ୍ୱର, ୧୯।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ଦୁଇଦିନ ବ୍ୟାପୀ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ହିନ୍ଦୁ ନବବର୍ଷ କମିଟି ଆନୁକୂଲ୍ୟରେ ବୁଧବାର ସନ୍ଧ୍ୟାରେ ଫକୀରମୋହନ ଗୋଲେଇଠାରେ ଉତ୍ସବ ଉଦ୍‌ଘାଟନ ହୋଇଥିଲା। ବିଶିଷ୍ଟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ଗୁରୁବାର ସକାଳେ ଫକୀରମୋହନ ଗୋଲେଇଠାରୁ ଗାନ୍ଧି ସ୍ମୃତିଭବନ ପର୍ଯ୍ୟନ୍ତ ଗୋଟିଏ ପାର୍ଶ୍ୱ ରାସ୍ତାରେ ପଥ ଉତ୍ସବ ଆୟୋଜିତ ହୋଇଥିଲା। ପ୍ରଥମ କାର୍ଯ୍ୟକ୍ରମ ସୂର୍ଯ୍ୟଆଳତି ସମସ୍ତଙ୍କ ମନ ମୋହିଥିଲା। ୨୭ଟି ମଞ୍ଚରେ ବେଦପାଠ, ଗୀତାପାଠ, ସାଇଭଜନ, ଯୋଗ, ପ୍ରାଣାୟମ, ବ୍ୟାୟାମ ସାଙ୍ଗକୁ ପାରମ୍ପରିକ ନୃତ୍ୟଗୀତ, ଆତ୍ମରକ୍ଷା କୌଶଳ, ଚିତ୍ରକଳା ଆଦି ପ୍ରଦର୍ଶିତ ହୋଇଥିଲା। ସେହିପରି ଶିଶୁମଞ୍ଚ ପକ୍ଷରୁ ଶିଶୁ କଳାକାରଙ୍କୁ ନେଇ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ଭଜନ ପରିବେଷଣ କରିଥିଲେ। କୁନି କୁନି ପିଲାଙ୍କର ସ୍କେଟିଂ ପ୍ରଦର୍ଶନ ସମସ୍ତଙ୍କୁ ଆକର୍ଷିତ କରିଥିଲା। ହିନ୍ଦୁ ପରିବାରଙ୍କ ମଧ୍ୟରେ ସନାତନ ସଂସ୍କୃତି ଜାଗରଣ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ହିନ୍ଦୁ ନବବର୍ଷ କମିଟିର ସମ୍ପାଦକ ପ୍ରଶାନ୍ତ ମହାନ୍ତି, ଉପସଭାପତି ମଧୁସୂଦନ ହୋତା, ଆବାହକ ସଞ୍ଜୟ ମହାପାତ୍ର, ଉପଦେଷ୍ଟା ମଧୁସୂଦନ ପାଢ଼ୀ, ସୂର୍ଯ୍ୟକାନ୍ତ ପାଢ଼ୀ ଏବଂ ସହ-ସମ୍ପାଦକ ସଂଗ୍ରାମ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।




ସାଧୁଙ୍କ ଦ୍ୱାରା ସୂର୍ଯ୍ୟ ଆଳତି।

## ରାଷ୍ଟ୍ରୀୟ ନବବର୍ଷ ଗୌରବମୟ ପରମ୍ପରାର ପ୍ରତୀକ

ବାଲେଶ୍ୱର, ୧୯।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଗୁରୁବାର ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଆରଏସ୍‌ଏସ୍‌ର ପ୍ରତିଷ୍ଠାତା ଡା. କେଶବ ବଳିରାମ ହେଡ୍‌ଗେୱାରଙ୍କ ଜନ୍ମତିଥି ଅବସରରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ସଭାପତି ଗୋପାଳ ଖଣ୍ଡେଲୱାଲଙ୍କ ପୌରୋହିତ୍ୟରେ ଆୟୁଷ୍ମାନ କଲ୍ୟାଣ ମଣ୍ଡପଠାରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ପ୍ରଫୁଲ୍ଲ କୁମାର ରାଉତ, ମୁଖ୍ୟବକ୍ତା ଆର୍‌ଏସ୍‌ଏସ୍‌ର ପୂର୍ବ ପ୍ରାନ୍ତ ଶାରୀରିକ ଶିକ୍ଷଣ ପ୍ରମୁଖ ବସନ୍ତ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସମିତିର ସମ୍ପାଦକ ପ୍ରଭଞ୍ଜନ ପାଢ଼ୀ ଯୋଗ ଦେଇଥିଲେ। ସେହିପରି କୁରୁଡ଼ାସ୍ଥିତ ହରିଡ଼ା ପଡିଆରେ ଈଶାନେଶ୍ୱର ଓ ରାମେଶ୍ୱର ଉପନଗର ପକ୍ଷରୁ ସାମୁହିକ ନବବର୍ଷ ପାଳନ ହୋଇଥିଲା।






# ଘରେ ପଶି ସୁନା ଗହଣା ଲୁଟିଲେ ଦୁର୍ବୃତ୍ତ

ମୋରଡ଼ା, ୧୯।୩ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନାଠାରୁ ଅଳ୍ପ ଦୂରରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ ପଶି ଦୁର୍ବୃତ୍ତମାନେ ସୁନା ଗହଣା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଥାନା ଅଧୀନ ମାଳିହତା ଗ୍ରାମର କୃତ୍ତିବାସ ବେହେରାଙ୍କ ପରିବାର ଲୋକେ ବୁଧବାର ରାତିରେ ଖାଇ ସାରି ଶୋଇଥିଲେ। ତେବେ ଗୁରୁବାର ସକାଳେ ଉଠିଲା ପରେ ଏକ ରୁମର ତାଲା ଭାଙ୍ଗି ଆଲମିରାରୁ ସୁନା, ରୁପା ଗହଣା କେହି ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଛି। ତେବେ ଚୋରିକୁ ନେଇ ଅସନ୍ତୋଷ ଝାଡ଼ିଛନ୍ତି ପରିବାର ସଦସ୍ୟ ଦୀପକ କୁମାର ବେହେରା। ମାଳିହତା ଗାଁ ମୋରଡ଼ା ଥାନାଠାରୁ ଅଳ୍ପ ଦୂରରେ ଥିଲେ ମଧ୍ୟ ଚୋରି କେମିତି ହେଉଛି ବୋଲି ସେ କହିଛନ୍ତି। ପୋଲିସର କାର୍ଯ୍ୟ ଦକ୍ଷତାକୁ ନେଇ ମଧ୍ୟ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଥାନା ଅଧିକାରୀ ସୁମିତ ସୋରେନଙ୍କୁ ପଚାରିବାରୁ ଘରେ ପରିବାର ଲୋକେ ଶୋଇଥିବା ସତ୍ତ୍ୱେ ଚୋରି ହେଲେ ପୋଲିସ କ'ଣ କରି ପାରିବ ବୋଲି ସେ କହିଛନ୍ତି।

# ନ୍ୟାୟ ନ ମିଳିଲେ ଆଦିବାସୀ ମେଳି

**ଭଞ୍ଜସେନାର ଚେତାବନୀ**

- କେନାଲ କାର୍ଯ୍ୟକୁ ନେଇ ମରଣାନ୍ତକ ଆକ୍ରମଣ
- ଜିଲାରେ ଆଦିବାସୀ ଅସୁରକ୍ଷିତ

ବାରିପଦା, ୧୯।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଭଞ୍ଜସେନା ପକ୍ଷରୁ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମୟୂରଭଞ୍ଜ ଜିଲାରେ ଆଦିବାସୀଙ୍କୁ ଆକ୍ରମଣ ଘଟଣା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରତିଦିନ କେଉଁଠିନା କେଉଁଠି ଆଦିବାସୀଙ୍କ ଉପରେ ଆକ୍ରମଣ ହେଉଥିବାରୁ ସେମାନେ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ବୁଧବାର ଅପରାହ୍ନରେ ବଡ଼ସାହି ଥାନା ଅଞ୍ଚଳରେ କେତେଜଣ ଅସାମାଜିକ ଯୁବକ ମାରଣାସ୍ତ୍ର ଧରି ଆକ୍ରମଣ କରିବାରୁ ୩ ଆଦିବାସୀ ଗୁରୁତର ଅବସ୍ଥାରେ ବାରିପଦା ଜିଲା ମୁଖ୍ୟାଳୟରେ ଭର୍ତ୍ତି ହୋଇଛନ୍ତି। ଭଞ୍ଜସେନା ଆଦିବାସୀ ଶାଖାର କର୍ମକର୍ତ୍ତାମାନେ ଡାକ୍ତରଖାନାକୁ ଯାଇ ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି। ଜିଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ନ୍ୟାୟ ପ୍ରଦାନରେ ଅବହେଳା କଲେ ଜିଲା ମୁଖ୍ୟାଳୟ ବାରିପଦାଠାରେ ଏକ ଆଦିବାସୀ ମେଳି ଆୟୋଜନ କରାଯିବ ବୋଲି ପ୍ରେସ ବିବୃତିରେ ଜଣାଇଛନ୍ତି।

ସୂଚନାଯୋଗ୍ୟ, ବଡ଼ସାହି ଥାନା ଅଧୀନ ଭଣ୍ଡାରିକୁଳା ଗ୍ରାମ ଦେଇ ସୁବର୍ଣ୍ଣରେଖା କେନାଲ କାର୍ଯ୍ୟ ଚାଲୁ ରହିଛି। ଲୋକଙ୍କ ଯିବା ଆସିବା ରାସ୍ତାରେ ମାଟି ଗଦା ହୋଇଥିବାରୁ ଚଳପ୍ରଚଳରେ ବାଧା ଉପୁଜିଥିଲା। ଏହାକୁ ନେଇ ଗ୍ରାମର ଲୋକେ ସମ୍ପୃକ୍ତ ଠିକାଦାରଙ୍କୁ ମାଟି ଉଠାଇବାକୁ କହିଥିଲେ। ମାତ୍ର ଠିକାଦାର ଜଣକ ଲୋକଙ୍କ କଥାକୁ ନ ଶୁଣି କାର୍ଯ୍ୟ କରୁଥିଲେ। ଏହାକୁ ବିରୋଧ କରି ଗ୍ରାମବାସୀ କାର୍ଯ୍ୟ ବନ୍ଦ କରାଇଥିଲେ। ଯାହାକୁ ନେଇ ଘଟଣା ଉଗ୍ରରୂପ ଧାରଣ କରିଥିଲା। ବୁଧବାର ଅପରାହ୍ନ ୨ଟା ସମୟରେ ୨୫/୩୦ଟି ମଟର ସାଇକେଲରେ ଦୁଇଜଣ ଲେଖାଏଁ ୬୦ରୁ ଊର୍ଦ୍ଧ୍ୱ ଅସାମାଜିକ ଯୁବକ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏପରିକି ମହିଳାମାନଙ୍କୁ ଅସଦାଚରଣ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଗ୍ରାମର ୩ ଜଣ ଆଦିବାସୀ ଗୁରୁତର ହୋଇଛନ୍ତି। ଏ ସଂକ୍ରାନ୍ତରେ ରଶ୍ମିତା ମୁର୍ମୁଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୦୪/୨୬)ରୁଜୁ କରି ତଦନ୍ତ ଜାରି ରଖିଛି।

ଅନ୍ୟପକ୍ଷରେ ଜିଲାର ରାଇରଙ୍ଗପୁର ଉପଖଣ୍ଡ ବହଳଦା ଅଞ୍ଚଳରେ ନୀରିହ ଆଦିବାସୀଙ୍କ ଉପରେ ପୋଲିସର ଅନ୍ୟାୟ କାର୍ଯ୍ୟାନୁଷ୍ଠାନ ଓ ବେତନଟୀ ଥାନା ଅଧୀନ ନହଣ୍ଡାଶୋଳରେ ବାଲି ଚୋରାଚାଲାଣକାରୀଙ୍କ ଆକ୍ରମଣରେ ଜଣେ ଆଦିବାସୀ ଗୁରୁତର ହେବା ଭଳି ଘଟଣା ଘଟିଥିବା ନଜିର ରହିଛି। ଦିନକୁ ଦିନ ଗୁଣ୍ଡାରାଜ ବଢୁଥିବା ବେଳେ ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରିପାରୁ ନ ଥିବାରୁ ଦିନକୁ ଦିନ ଆଦିବାସୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଭଣ୍ଡାରିକୁଳା ଗ୍ରାମରେ ଠିକାଦାରଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ସଙ୍ଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଘଟଣାରେ ଜଡ଼ିତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଭଞ୍ଜସେନା ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଙ୍ଗଠନର ସଙ୍ଗରାୟ ହେମ୍ବ୍ରମ, ଶୁଭମ ସିଂ, ଜିତୁ ସିଂ, କ୍ରିଷ୍ଣା ମୁଣ୍ଡା ଲୋହାର, ସାଗର ମୁଣ୍ଡା ଲୋହାର ପ୍ରମୁଖ ଉପସ୍ଥିତ ଥିଲେ।

# ତୃତୀୟ ଦିନରେ ଜେଏମ୍‌ଏମ୍‌ର ଧାରଣା


ଧାରଣାକାରୀଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଆଲୋଚନା କରୁଛନ୍ତି।

ମୋରଡ଼ା, ୧୯।୩ (ସ୍ମାରକ ମାଜୀ)

## ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପହଞ୍ଚି ଆଲୋଚନା କଲେ

୨ ଦଫା ଦାବି ନେଇ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍‌ଏମ୍) ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗତ ୧୭ ତାରିଖଠାରୁ ଦିଆଯାଇଥିବା ଧାରଣା ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ଜେଏମ୍‌ଏମ୍ ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସୁଛନ୍ତି। ଉକ୍ତ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଓ ଏକ୍ସରେ ମେଶିନ ସ୍ଥାପନ ଏବଂ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ନେଇ ସଭାପତି ଦାସ ଦାବି କରିଛନ୍ତି। ଗୁରୁବାର ଧାରଣାସ୍ଥଳରେ ଜିଲା ଚିକିତ୍ସା ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ, ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁବାସ ନାଏକ ପ୍ରମୁଖ ପହଞ୍ଚି ସଭାପତି ଦାସଙ୍କ ସହିତ ଆଲୋଚନା କରିଛନ୍ତି। ବର୍ତ୍ତମାନ ପାଇଁ ସପ୍ତାହରେ ଦୁଇଦିନ ନିମନ୍ତେ ପ୍ରସୂତି ଓ ମେଡିସିନ ବିଭାଗର ସ୍ପେଶାଲିଷ୍ଟ ଆସିବେ କହିଥିଲେ। କିନ୍ତୁ ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଜେଏମ୍‌ଏମ୍ ଜିଲା ସଭାପତି ଦାସ କହିଛନ୍ତି।

# ଓଡ଼ିଶା ବ୍ରାହ୍ମଣ ମହାସଂଘର ସମ୍ମିଳନୀ

ବୈଶିଙ୍ଗା, ୧୯।୩ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ଏକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବେତନଟୀ ମଣ୍ଡଳ ସଭାପତି ଗୋପୀନାଥ କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀକୁ ଜିଲା ସାଧାରଣ ସମ୍ପାଦକ ଡା. ଆଦିତ୍ୟ କୁମାର ପଣ୍ଡା ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ବ୍ରାହ୍ମଣ ମହାସଂଘର ସଭାପତି ସଦାନନ୍ଦ ଦୀକ୍ଷିତ, ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ଅଲଖ ରଞ୍ଜନ ପାଠୀ, ଇଂ. ସୁବ୍ରତ କୁମାର ଦାଶ, ବରିଷ୍ଠ ଆଇନଜୀବୀ କ୍ଷେତ୍ର ମୋହନ ପଣ୍ଡା ଓ ଗାୟତ୍ରୀ ପରିବାରର ସଞ୍ଚାଳକ ହେମନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ, ଜଗବନ୍ଧୁ ମିଶ୍ର ଯୋଗ ଦେଇଥିଲେ। ଅତିଥିମାନେ ବ୍ରାହ୍ମଣ ସମାଜ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ସେଗୁଡ଼ିକର ସମାଧାନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଦସ୍ୟ ଅକ୍ଷୟ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ସଞ୍ଜୟ କୁମାର ଚୌଧୁରୀ ଓ ଦେବେନ୍ଦ୍ର ଆଚାର୍ଯ୍ୟ ମଧ୍ୟ ନିଜର ମତାମତ ରଖିଥିଲେ। ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ନନ୍ଦ ବ୍ରହ୍ମଚାରୀ ଧନ୍ୟବାଦ ଦେଇଥିଲେ।

# ଅସହାୟ ବାଳକଙ୍କୁ ଥଇଥାନ କଲା ପ୍ରଶାସନ


ନହରପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୈଭବଙ୍କୁ ବହିଖାତା ଦିଆଯାଉଛି।

ବାରିପଦା, ୧୯।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁର ଅଞ୍ଚଳରେ ଅଜା ଘରେ ରହି ନିକଟସ୍ଥ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ୫ମ ଶ୍ରେଣୀରେ ପଢୁଥିବା ୧୦ ବର୍ଷର ବାଳକ ବୈଭବ ମହାନ୍ତଙ୍କୁ ଜିଲା ପ୍ରଶାସନ ଥଇଥାନ କରିଛି । ପାରିବାରିକ ଅବସ୍ଥା ଦିନକୁ ଦିନ ଖରାପ ହେବାରୁ ସେ ଆଉ ବିଦ୍ୟାଳୟକୁ ଯିବାରେ ବାଧକ ସାଜିଥିଲା। ଖବରପାଇ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପିଲାଟିକୁ ଉଦ୍ଧାର କରି ଷ୍ଟେଶନ ବଜାରସ୍ଥିତ ଆର୍‌ଡିଏସି ଶିଶୁ ପ୍ରଯତ୍ନ କେନ୍ଦ୍ରରେ ଥଇଥାନ କରିବା ସହ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନହରପଦାରେ ନାମ ଲେଖାଇ ତା'ର ପାଠପଢ଼ାକୁ ନିୟମିତ କରାଇଛନ୍ତି । ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ନାୟକ ପିଲାଟିକୁ ଦୁଇ ଯୋଡ଼ା ସ୍କୁଲ ପୋଷାକ ଏବଂ ବହିପତ୍ର ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆରଡିଏସିର ଅଧୀକ୍ଷକ ବିଷ୍ଣୁ ନାରାୟଣ ପଟ୍ଟନାୟକ, ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରା, ଅବସରପ୍ରାପ୍ତ ଶିକ୍ଷକ ବଳରାମ ନାଥ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପୁଣି ଥରେ ପରିବାରକୁ ଫେରିବା ପର୍ଯ୍ୟନ୍ତ ବୈଭବର ସ୍ୱତନ୍ତ୍ର ଯତ୍ନ ନେବା ପାଇଁ ସେଠୀ ଫୋନ ମାଧ୍ୟମରେ ଆରଡିଏସି୍‌ର ନିର୍ଦ୍ଦେଶକ ବିଜୟ କୁମାର ବେହେରାଙ୍କୁ ଅନୁରୋଧ କରିଥିଲେ। ଜଣେ ଅସହାୟ ଶିଶୁକୁ ପୁଣିଥରେ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିଥିବାରୁ ଜିଲା ଶିକ୍ଷା ଅଧିକାରୀଙ୍କ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏଥିସହିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ନିଜ ଅଞ୍ଚଳରେ କୌଣସି କାରଣରୁ ସ୍କୁଲକୁ ଆସୁ ନ ଥିବା ପିଲାମାନଙ୍କୁ ତୁରନ୍ତ ବିଦ୍ୟାଳୟକୁ ଫେରାଇ ଆଣିବାପାଇଁ ସହାୟକ ହେବେ ବୋଲି ଜିଲା ଶିକ୍ଷା ଅଧିକାରୀ ସେଠୀ ଆଶା ପୋଷଣ କରିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସାବଧାନତା ପ୍ରଶିକ୍ଷଣ

ବାରିପଦା, ୧୯।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ସରକାରୀ ସଂସ୍କୃତ ମହାବିଦ୍ୟାଳୟରେ ଅଗ୍ନି ନିର୍ବାପନ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସାବଧାନତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରିପଦାର ଓଏସ୍‌ଏପି ୫ମ ବାଟାଲିୟନ ଓଡ୍ରାଫ ଓ ଦମକଳ କେନ୍ଦ୍ର ବାରିପଦାର ମିଳିତ ଆନୁକୂଲ୍ୟରେ ଏକ ଏକ ଦିବସୀୟ କାର୍ଯ୍ୟକ୍ରମ ଅରୁଣ କୁମାର ମହାନ୍ତିଙ୍କ ପ୍ରଶିକ୍ଷଣରେ ଆୟୋଜିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ପଦ୍ମା ଦେବୀଙ୍କ ନେତୃତ୍ୱ ତଥା ଜାତୀୟ ସେବା ସଂସ୍ଥାର ଅଧିକାରୀ ଡ. ଫାଗୁ ଟୁଡୁ ଓ ଯୁବ ରେଡକ୍ରସ ଅଧିକାରୀ ଡ. ଧର୍ମବୀର ମୋହନ ସିଂ ଙ୍କ ପ୍ରମୁଖ ସହଯୋଗିତାରେ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା।

# ଶାନ୍ତି କମିଟି ବୈଠକ

ଠାକୁରମୁଣ୍ଡା, ୧୯।୩ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍ ମହୁଲଡ଼ିହା ଥାନା ଅନ୍ତର୍ଗତ ଭାଲିଆଡାଳ ଗ୍ରାମରେ ପରମ୍ପରା ଓ ଗ୍ରାମର ନୀତି ନିୟମକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ବିବାଦର ସମାଧାନ ପାଇଁ ଥାନାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଉଭୟ ପକ୍ଷଙ୍କୁ ନେଇ ଗୁରୁବାର ମହୁଲଡ଼ିହା ଥାନାରେ ତହସିଲଦାର, ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ସମାଧାନ ବୈଠକ ବସି ଆପୋଷ ବୁଝାମଣା ହୋଇଛି। ଭାଲିଆଡାଳ ଗ୍ରାମରେ ଥିବା ଧର୍ମାନ୍ତରିତ ଆଦିବାସୀମାନେ ଗ୍ରାମରେ ଥିବା ଅନ୍ୟ ହିନ୍ଦୁ ଆଦିବାସୀଙ୍କ ପୂଜା ପାର୍ବଣ ସମୟରେ ଗ୍ରାମ ନୀତି ନିୟମକୁ ନ ମାନିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବାକୁ ଗତ ଫେବୃଆରୀ ୨୬ରେ ଭାଲିଆଡାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ସମାଧାନ ବୈଠକରେ ଏବିଡିଓ, ତହସିଲଦାର, ସ୍ଥାନୀୟ ପୋଲିସ ଉପସ୍ଥିତିରେ ଉଭୟ ପକ୍ଷ ଉପସ୍ଥିତ ଥିଲେ। ସେଠାରେ ଉଭୟ ପକ୍ଷ ଗ୍ରାମର ନୀତି ନିୟମ ମାନିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପରେ ପୁଣି ଉଭୟ ପକ୍ଷଙ୍କ ମଧ୍ୟରେ ଗ୍ରାମର ପୂଜା ନୀତିନିୟମକୁ ଗୋଟିଏ ପକ୍ଷ ଉଲ୍ଲଘଂନ କରିବା ପରେ ବିବାଦ ଉପୁଜି ଥିଲା।

# ବର୍ଷ ପ୍ରତିପଦା ସ୍ୱାଗତ ଉତ୍ସବ

କରଞ୍ଜିଆ, ୧୮।୩ (କବିତା ମହାନ୍ତ)

କରଞ୍ଜିଆ ବାଣିତୀର୍ଥସ୍ଥିତ ସରସ୍ୱତୀ ଶିଶୁମନ୍ଦିରଠାରେ ଭାରତୀୟ ସଂସ୍କୃତି ଓ ପରମ୍ପରାର ଅନନ୍ୟ ନିଦର୍ଶନ 'ବାସନ୍ତିକା ନବରାତ୍ର' ପାଳନ ଅବସରରେ ବର୍ଷ ପ୍ରତିପଦା ସ୍ୱାଗତ ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି। ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ଇଂ. ତ୍ରିଲୋଚନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଡା. ଜନାର୍ଦ୍ଦନ ଚୌଧୁରୀ, ସମ୍ମାନିତ ବକ୍ତା ଭାବେ ଡା. ଭାଗବତ ଲେଙ୍କା ଯୋଗ ଦେଇଥିଲେ। ମୁଖ୍ୟ ପ୍ରବଚକ ଭାବେ ଭଦ୍ରକରୁ ଆସିଥିବା ପରିବ୍ରାଜକ ପଦ୍ମଲୋଚନ ସାମଲ ଓ ପରିବ୍ରାଜିକା ଶାନ୍ତିଲତା ଦୀକ୍ଷିତ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ଲକ୍‌ସ୍ତରୀୟ କର୍ମଶାଳା

ଠାକୁରମୁଣ୍ଡା, ୧୯।୩ (ତାରାକାନ୍ତ ପଟ୍ଟନାୟକ)

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଓ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ଆଶଙ୍କା ହ୍ରାସ ତଥା ମୁଖ୍ୟ ସ୍ରୋତରେ ସାମିଲ ନିମନ୍ତେ ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତି ଶୀର୍ଷକ ବ୍ଲକସ୍ତରୀୟ କର୍ମଶାଳା ଗତ ୧୮ ତାରିଖରେ ବ୍ଲକ ସଭା ଗୃହରେ ଆୟୋଜିତ ହୋଇଯାଇଛି । ଠାକୁରମୁଣ୍ଡା ବିଡ଼ିଓ ସପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଜିଲା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଜିଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ସାଧନ ବ୍ୟକ୍ତି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ସ୍ଥାନୀୟ ନୋଡାଲ ଏନଜିଓ ଆରଆରଡିଓ ନିର୍ଦ୍ଦେଶକ ମନୋଜ କୁମାର ଜେନା ଯୋଗଦେଇ ଲିଙ୍ଗଗତ ବୈଷମ୍ୟ ଦୂର ଓ ସାମାଜିକ ଅନ୍ତର୍ଭୁକ୍ତି ଉପରେ ଆଲୋଚନା କରିଥିଲେ। ଅନ୍ୟାନ୍ୟ ସରକାରୀ ଅଧିକାରୀ ଭାବେ ସିଡିପିଓ ପ୍ରେମଲତା ସେଠି, ଏବିଡିଓ ଟଙ୍କଧର ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶାସନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏପିଓ ଧାନଚନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିପିଡିଓ ଯଜ୍ଞପ୍ରଭା ମିଶ୍ର ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ସମସ୍ତ ସରକାରୀ ବିଭାଗ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରସୂତିଙ୍କ ମୃତ୍ୟୁକୁ ନେଇ ହସ୍ପିଟାଲରେ ଉତ୍ତେଜନା



ଡାକ୍ତରଖାନା ପରିସରରେ ମୃତ ମହିଳାଙ୍କ ସମ୍ପର୍କୀୟମାନେ।

- ଚିକିତ୍ସା ଅବହେଳା ଅଭିଯୋଗ ଆଣିଲେ ପରିବାର
- ଡାକ୍ତରଙ୍କ ବିରୋଧରେ ଏତଲା

ବାରିପଦା, ୧୯।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଜିଲା ମୁଖ୍ୟାଳୟରେ ଚିକିତ୍ସା ଅବହେଳା ଯୋଗୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁଯାୟୀ, କୁଳିଅଣା ଥାନା ଅଧୀନ ପୋଖରିଆ ଗ୍ରାମର ବୁଗାଇ ହାଁସଦାଙ୍କ ସ୍ତ୍ରୀ ବାଲିଙ୍କ ପ୍ରସବ ବେଦନା ହେବାରୁ ବୁଧବାର ବାରିପଦାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପିଲା ଜନ୍ମ ନିମନ୍ତେ ଗୁରୁବାର ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ଅସ୍ତ୍ରୋପଚାର କରି ଗର୍ଭସ୍ଥ ଶିଶୁକୁ ଜନ୍ମ ସମୟରେ ବାଲିଙ୍କ ମୃତ୍ୟୁ ଘଟିଥିଲା। ଏହାସହିତ ଜନ୍ମିତ ଶିଶୁ ପିଠିରେ କ୍ଷତ ଥିବା ବେଳେ ତା'ର ଅବସ୍ଥା ଗୁରୁତର ରହିଛି। ଅସ୍ତ୍ରୋପଚାର ସରିବା ପରେ ଘଟଣା ବାବଦରେ ମହିଳାଙ୍କ ପରିବାର ଲୋକେ ଜାଣିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ଅବହେଳା ଯୋଗୁ ମହିଳାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଡାକ୍ତରଙ୍କ ଅବହେଳା ନେଇ ତାଙ୍କ ବିରୋଧରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଚିକିତ୍ସା ଅବହେଳା ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ପରିବାର ଲୋକେ ଅଡ଼ି ବସିଥିବା ଦେଖିବାକୁ ମିଳିଥିଲା।

# ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ବାର୍ଷିକୋତ୍ସବ

ବାରିପଦା, ୧୯।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଶହୀଦ ସ୍ମୃତି ଭାବନଠାରେ ପାଳିତ ହୋଇଯାଇଛି। 'ପ୍ରତିଭାର ପ୍ରତିଛବି ଓ ସୃଜନଶୀଳତାର ଉତ୍ସବ' ଶୀର୍ଷକରେ ଆୟୋଜିତ କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ.ପ୍ରମୋଦ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସମୟ ସହିତ ତାଳ ଦେଇ ଚାଲିଲା ବେଳେ ଯାନ୍ତ୍ରିକ ଜ୍ଞାନ(ଗୁଗୁଲ)କୁ ନିଜର ସର୍ବସ୍ୱ ବୋଲି ନ ଭାବି ଅଭିଭାବକ ଓ ଶିକ୍ଷକମାନଙ୍କର ଦୀର୍ଘ ଜୀବନର ଅଭିଜ୍ଞତାକୁ ମାର୍ଗଦର୍ଶନ ଭାବରେ ଗ୍ରହଣ କଲେ ସଫଳତା ସୁନିଶ୍ଚିତ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଯୋଗଦେଇ ପୁସ୍ତକକୁ ନିଜ ଜୀବନର ବନ୍ଧୁ ଭାବରେ ଆପଣାଇଲେ ଛାତ୍ରୀମାନେ ନିଜ ଭବିଷ୍ୟତକୁ ସମୃଦ୍ଧ ଓ ସୁରକ୍ଷିତ କରିପାରିବେ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ. ସାଗରିକା ସିଂହ ସଭାରେ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଶିକ୍ଷା ଲାଭ କରିବା ସହିତ ଭବିଷ୍ୟତକୁ ନେଇ ଯତ୍ନବାନ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସେହିପରି ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ଡ.ଚନ୍ଦ୍ରକାନ୍ତ ଦାସ ଛାତ୍ରୀମାନଙ୍କୁ ଗଳ୍ପ ଓ କବିତା ମାଧ୍ୟମରେ ଉପଯୁକ୍ତ ଯୋଜନା ଅନୁଯାୟୀ ଭବିଷ୍ୟତ ଗଠନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ସଂସଦର ଉପଦେଷ୍ଟା ରୋଜି କାନୁନଗୋ ଅତିଥି ପରିଚୟ ସାଙ୍ଗକୁ ବାର୍ଷିକ ବିବରଣୀ ପାଠ କରିଥିଲେ। ନାଟ୍ୟ ସଂସଦର ଉପ-ସଭାପତି ତଥା ଭୂଗୋଳ ବିଭାଗର ବିଭାଗୀୟ ମୁଖ୍ୟ ତଥା ସହକାରୀ ପ୍ରଫେସର ଡ. ସ୍ୱାଗତିକା ମିଶ୍ର, କ୍ରୀଡା ସଂସଦର ଉପ-ସଭାପତି ତଥା ସହକାରୀ ପ୍ରଫେସର ଡ. ସ୍ମରଣୀକା ସାହୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି କ୍ରୀଡ଼ା ଓ ନାଟ୍ୟ ସଂସଦ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଯେଉଁ ଛାତ୍ରୀମାନେ କ୍ରୀଡା, ନୃତ୍ୟ, ସଂଗୀତ, ସାହିତ୍ୟ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ମହାବିଦ୍ୟାଳୟର ଗୌରବକୁ ବୃଦ୍ଧି କରିଛନ୍ତି ସେମାନଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ମହାବିଦ୍ୟାଳୟର ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଡ. ଅଞ୍ଜନା ପୃଷ୍ଟି, ଡ.ସୁଶ୍ରୀ ସଙ୍ଗୀତା ପତି, ଡ. ଅନୁପମା ଭୋଳ, ସୁନୀତା ପ୍ରଧାନ, ଡ. ଦେବସ୍ମିତା ଜେନା, କୁମାରେଶ ନାୟକ ପ୍ରମୁଖ ଅଧ୍ୟାପିକାମାନେ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ.ଚନ୍ଦ୍ରଶେଖର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ନୂଆ କର୍ମକର୍ତ୍ତା

ବଡ଼ସାହି, ୧୯।୩ (ସମ୍ବିତ କୁମାର ରାଉତ)

ବଡ଼ସାହି ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ସାଙ୍ଗଠନିକ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଂଘର ଆଭିମୁଖ୍ୟ ତଥା ଭବିଷ୍ୟତ କର୍ମପନ୍ଥା ବିଷୟରେ କହିଥିଲେ। ସମସ୍ତ ସଦସ୍ୟଙ୍କ ସହମତିରେ ରଣଜିତ କୁମାର ଦାସଙ୍କୁ ସଭାପତି, ସୁବୋଧ କୁମାର ଦଣ୍ଡପାଟ କାର୍ଯ୍ୟକାରୀ ସଭାପତି, ଅନନ୍ତ କୁମାର ଶତପଥୀ ସମ୍ପାଦକ, ସନ୍ତୋଷ କୁମାର ବିଶ୍ୱାଳ ଯୁଗ୍ମ ସମ୍ପାଦକ, ରାଜେନ୍ଦ୍ର କୁମାର ଜେନା ସଂଗଠନ ସମ୍ପାଦକ ଓ ଯୋଗେଶ୍ୱର ମିଶ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ବଙ୍କିମ ବିହାରୀ ପାତ୍ରଙ୍କ ଦ୍ୱାରା ଚୟନ ପ୍ରକ୍ରିୟା ପରିଚାଳିତ ହୋଇଥିଲା।

# ପଥର ଖାଦାନରୁ ୫ ଟ୍ରାକ୍ଟର, ଜେସିବି ଜବତ

**ଉପଜିଲାପାଳଙ୍କ ଗାଡ଼ିକୁ ଓଭରଟେକ୍ କରି ଫସିଗଲେ ଚୋରା ଚାଲାଣକାରୀ**

ଉଦଳା, ୧୯।୩ (ସନ୍ତୋଷ କୁମାର ବାଛିନୀ)



ଜବତ ଟ୍ରାକ୍ଟର ଓ ଜେସିବି।

ରାସ୍ତାରେ ଯାଉଥିବା ବେଳେ ଉପ ଜିଲାପାଳଙ୍କ ଗାଡ଼ିକୁ ବେପରୁଆ ଢଙ୍ଗରେ ଓଭରଟେକ୍ କରି ଫସିଗଲେ ଚୋରା ଚାଲାଣକାରୀ। ସେହି ଟ୍ରାକ୍ଟର ଦେଲା ସୁରାକ, ଆଉ ପଥର ଖାଦାନରେ ପଶି ଟ୍ରାକ୍ଟର ଓ ଜେସିବିକୁ ଜବତ କଲେ ଉପଜିଲାପାଳ। ଉପଜିଲାପାଳଙ୍କ ଏପରି ଅତର୍କିତ ଚଢ଼ାଉରେ ଚୋରା ଚାଲାଣକାରୀ ଛାନିଆ। ଉଦଳା ତହସିଲ ଶିରିପୁର ହୁଡ଼ିସାହିରେ ଘଟିଛି ଏଭଳି ଘଟଣା।

କପ୍ତିପଦା ଉପଖଣ୍ଡ ଉପଜିଲାପାଳ ସୁଶାନ୍ତ କୁମାର ବାରିକ ସହକାରୀ ଜିଲାପାଳ ତପନ କୁମାର ବାରିକଙ୍କ ସହିତ ଗୁରବାର ଓଏଭି ବିଦ୍ୟାଳୟକୁ ମିଟିଂ ନିମନ୍ତେ କାର୍‌ରେ ଯାଉଥିଲେ। ଶିରିପୁର ଛକ ନିକଟରେ ପଛରୁ ଆସୁଥିବା ଏକ ଟ୍ରାକ୍ଟର ଦ୍ରୁତ ଗତିରେ ଉପଜିଲାପାଳଙ୍କ ଗାଡ଼ିକୁ ଓଭରଟେକ୍ କରି ଯାଇଥିଲା। ଏହା ଦେଖିବା ପରେ ଉପଜିଲାପାଳଙ୍କର ସନ୍ଦେହ ହୋଇଥିଲା। ଉକ୍ତ ଟ୍ରାକ୍ଟରର ପିଛା କରି ଉପଜିଲାପାଳ ହୁଡ଼ିସାହି ଅଞ୍ଚଳରେ ଚାଲିଥିବା ବେଆଇନ ପଥର ଖାଦାନରେ ପହଞ୍ଚିଥିଲେ। ସେଠାରେ ଉପଜିଲାପାଳଙ୍କୁ ଦେଖି ଚୋରା ଚାଲାଣକାରୀମାନେ ଛାନିଆ ହୋଇଯାଇଥିଲେ। ସେଠାରେ ବେଆଇନ ପଥର ଓ ମାଟି ଉତ୍ତୋଳନ ହେଉଥିବା ଦେଖି ଚୋରା କାରବାରରେ ଲାଗିଥିବା ୫ଟି ଟ୍ରାକ୍ଟର ଏବଂ ଜେସିବିକୁ ଉପଜିଲାପାଳ ଜବତ କରିଥିଲେ। ଉପ ଜିଲାପାଳଙ୍କଠାରୁ ସୂଚନା ପାଇ ପୋଲିସ ସହିତ ଖଣି ବିଭାଗ ଅଧିକାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜବତ ଟ୍ରାକ୍ଟର ଏବଂ ଜେସିବିକୁ ଉଦଳା ଥାନାକୁ ଅଣାଯାଇଛି।

## ସଂକ୍ଷେପରେ

### ୧୩ ଗୋରୁ ଉଦ୍ଧାର

ଭଣ୍ଡାରିପୋଖରୀ,୧୯।୩(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ପାନ୍ଦାବାଙ୍କ ଚକବନ୍ଦୀ ଅଫିସ ନିକଟରେ ଗୁରୁବାର ସକାଳ ୬ଟା ବେଳେ ଏକ ଗୋରୁ ବୋଝେଇ ଗାଡ଼ିକୁ ପୋଲିସ ଜବତ କରିଛି। ବେଆଇନ ଗୋରୁ ପରିବହନ ହେଉଥିବା ସୂଚନା ପାଇ ପାଟ୍ରୋଲିଂ ପୋଲିସ ଗାଡ଼ିକୁ ଧରିଥିଲା। ଚାଳକ ଫେରାର ହୋଇଯାଇଛନ୍ତି। ଗାଡ଼ିରେ ବୋଝେଇ ହୋଇଥିବା ୧୩ ଗୋରୁଙ୍କୁ ଉଦ୍ଧାର କରାଯାଇ ବାସୁଦେବପୁର ଚାନ୍ଦମାଳସ୍ଥିତ ଗୋଶାଳାକୁ ପଠାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୩୫/୨୬) ରୁଜୁ ହୋଇଛି।

### ଜଳିଗଲା ୨ ବଖରା

ବନ୍ତ,୧୯।୩(ହରିନାରାୟଣ ମହାନ୍ତି): ବନ୍ତ ତହସିଲ ଅଧୀନ ଟିଲୋ ମଧୁପୁର ଗ୍ରାମରେ ଗୁରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳିଯାଇଛି। ଗ୍ରାମର ଅନିରୁଦ୍ଧ ସାଙ୍କର ୧ ବଖରା ଚାଳ ଛପର ଘର ଓ ଗୋଟିଏ ଚୋଷେଇ ଘର ଜଳିଯାଇଛି। ଆଗରପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଆନୁମାନିକ ୫୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଗ୍ନିଶମ ଅଧିକାରୀ ଦିଲୀପ ବେହେରାଙ୍କଠାରୁ ସୂଚନା ମିଳିଛି।

### ମାନସ ହେଲେ ଯୁବ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ


ମାନସ କୁମାର ସାହୁ।

ବାସୁଦେବପୁର,୧୯।୩(କାଳିପଦ ରାୟ): ବାସୁଦେବପୁର ବ୍ଲକ ଲୁଙ୍ଗା ଗ୍ରାମର ମାନସ କୁମାର ସାହୁଙ୍କୁ ଯୁବ ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ସେ ୨୦୧୨ରେ ଭଦ୍ରକ କଲେଜର ଛାତ୍ରସଂସଦ ସଭାପତି, ୨୦୧୬ରେ ଭୁବନେଶ୍ୱରର ସିଟି ସମ୍ପାଦକ, ୨୦୧୭ ରୁ ସମ୍ବଲପୁର ବିଭାଗ ସଂଗଠନ ସମ୍ପାଦକ, ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ ଓ ୨୦୨୩ରୁ ଭାଜପା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବେ ରହିଛନ୍ତି। ଜିଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, କୋଷାଧ୍ୟକ୍ଷ ଜୟପ୍ରକାଶ ମଲ୍ଲିକଙ୍କ ସମେତ ଭାଜପା କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ନିମ୍ନମାନର ରାସ୍ତାକାମକୁ ବିରୋଧ

ବାସୁଦେବପୁର,୧୯।୩(କାଳିପଦ ରାୟ): ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତର ଗଦଳାଠାରୁ ପଦ୍ମପୁର ପର୍ଯ୍ୟନ୍ତ ୧୪ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୩ କୋଟି ୨୬ ଲକ୍ଷ ବ୍ୟୟରେ ବୀଣାଦଣ୍ଡାଠାରେ ନିମ୍ନମାନର କାର୍ଯ୍ୟକୁ ଗ୍ରାମବାସୀ ଗୁରୁବାର ବନ୍ଦ କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ଠିକାଦାର ରାସ୍ତାକାମ କରୁଥିବା ବେଳେ ସେମାନେ ବିରୋଧ କରିଥିଲେ। ରାସ୍ତାରେ ଧୂଳି ସଫା ନ କରି ପ୍ରାଇମର ନ ପକାଇ ଧୂଳି ଉପରେ ପିଚୁ ପକାଇ ରାସ୍ତା ତିଆରି କରାଯାଇଥିବା ଅଭିଯୋଗ ହୋଇଛି। ସମିତିସଭ୍ୟ ରମେଶ ଚନ୍ଦ୍ର ବଳ, କହ୍ନେଇ ବଳ ଓ ଗ୍ରାମବାସୀ ରାସ୍ତାକାମ ବନ୍ଦ କରିଛନ୍ତି। ଅପରପକ୍ଷେ ରାସ୍ତାକାମ ନେଇ ସୂଚନାଫଳକ କରାଯାଇ ନାହିଁ। ଏନେଇ କନିଷ୍ଠ ଯନ୍ତ୍ରୀ ଜ୍ଞାନେନ୍ଦ୍ର ସେଠୀଙ୍କୁ ପଚାରିବାରୁ କାର୍ଯ୍ୟକୁ ତଦାରଖ କରି ରାସ୍ତା ପୁନଃ ନିର୍ମାଣ କରାଯିବ।



# ଜିଲାରେ ବଢ଼ିଛି ସଡ଼କ ଦୁର୍ଘଟଣା

■୨୦୨୫ରେ ୩୧୧ ଦୁର୍ଘଟଣା, ଯାଇଛି ୧୬୦ ଜୀବନ
■ସଚେତନ ହେଉନାହାନ୍ତି ଚାଳକ

ଭଦ୍ରକ,୧୯।୩(ସନାତନ ରାଉତ)

ଦ୍ରୁତ ଗାଡ଼ି ଚାଳନା ସାଙ୍ଗକୁ ନାବାଳକ ଚାଳକଙ୍କ ସଂଖ୍ୟା ବୃଦ୍ଧି ହେଉଥିବାରୁ ଦୁର୍ଘଟଣା ବଢ଼ିଚାଲିଛି। ଗତ ଜାନୁଆରୀରେ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଥିବା ବେଳେ ଜିଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ମାସ ସାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କିନ୍ତୁ ଏହି କାର୍ଯ୍ୟକ୍ରମରେ ଚାଳକମାନେ କେତେ ସଚେତନ ହେଉଛନ୍ତି, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁର୍ଘଟଣା କମିବା ବଦଳରେ ଭଦ୍ରକ ଜିଲାରେ ଗତ ୩ବର୍ଷ ତୁଳନାରେ ସଡ଼କ ଦୁର୍ଘଟଣା ବଢ଼ିଛି। ତେବେ ଦୁର୍ଘଟଣା ବଢ଼ିଥିଲେ ମଧ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମିଛି।

ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୩ରେ ୩୦୧ ଦୁର୍ଘଟଣା ଘଟିଥିବା ବେଳେ ୧୬୧ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି ୨୦୨୪ରେ ୩୦୨ ଦୁର୍ଘଟଣାରେ ୧୭୨ ଜଣଙ୍କର ଜୀବନ ଯାଇଥିଲା। ୨୦୨୫ରେ ୩୧୧ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୧୬୦ଜଣଙ୍କର ମୃତ୍ୟୁ ଘଟିଛି। ଜିଲାର ୧୯ଟି ଥାନା ମଧ୍ୟରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନରେ ସର୍ବାଧିକ ୫୩ଟି ଦୁର୍ଘଟଣା ଘଟିଥିବା ବେଳେ ୩୦ ଜଣଙ୍କର ଜୀବନ ଯାଇଛି। ସେହିପରି ଧାମନଗର ଥାନା ଅଞ୍ଚଳରେ ୨୯, ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ୨୭, ବାସୁଦେବପୁର ଥାନା ଅଞ୍ଚଳରେ ୨୫, ତିହିଡ଼ି ଥାନା ଅଞ୍ଚଳରେ ୨୪, ଭଦ୍ରକ ଟାଉନ ଥାନା ଅଞ୍ଚଳରେ ୨୦, ଚାନ୍ଦବାଲି ଥାନା ଅଞ୍ଚଳରେ ୧୭, ସାବରଙ୍ଗ ଥାନା ଅଞ୍ଚଳରେ ୧୭, ପୀରହାଟ ଥାନା ଅଞ୍ଚଳରେ ୧୫, ବାଂଶଡ଼ା ଥାନା ଅଞ୍ଚଳରେ ୧୨ ଓ ବନ୍ତ ଥାନା ଅଞ୍ଚଳରେ ୧୦ଟି ଦୁର୍ଘଟଣା ଘଟିଛି। ଭଦ୍ରକ ଗ୍ରାମାଞ୍ଚଳ, ବାସୁଦେବପୁର ଓ ଧାମନଗର ଥାନା ଅଧୀନରେ ୧୬ନଂ. ଜାତୀୟ ରାଜପଥ ରହିଥିବାରୁ ଦୁର୍ଘଟଣା ହାର ଅଧିକ ରହିଛି। ନିଶାସକ୍ତ ଭାବେ ଗାଡ଼ି ଚାଳନା, ଟ୍ରାଫିକ ନିୟମ ଉଲ୍ଲଂଘନ, ରାଜପଥରେ ବେଆଇନ ପାର୍କିଂ ଏବଂ ଦ୍ରୁତଗତି ଯୋଗୁ ଅଧିକ ଦୁର୍ଘଟଣା ଘଟୁଛି। ଏନେଇ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ କହିଛନ୍ତି, ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ବିଭାଗ ପକ୍ଷରୁ ବାରମ୍ବାର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଥିଲେ ମଧ୍ୟ ଚାଳକମାନେ ସଚେତନ ହେଉନାହାନ୍ତି। ବିଭିନ୍ନ ସମୟରେ ଧରପଗଡ଼ କରାଯାଇ ଅମାନିଆଙ୍କୁ ସାବାଡ଼୍ କରାଯିବା ସହ ଫାଇନ ଆଦାୟ କରାଯାଉଛି। ସଚେତନ ହେଲେ ଦୁର୍ଘଟଣା କମିପାରନ୍ତା ବୋଲି ସେ କହିଛନ୍ତି।

## ହିନ୍ଦୁ ନବବର୍ଷରେ ଗଣଦୌଡ଼



ଗଣଦୌଡ଼ରେ ସାମିଲ ଯୁବକମାନେ।

ବାସୁଦେବପୁର,୧୯।୩(ନାରାୟଣ ପ୍ରସାଦ ବାରିକ୍)

ହିନ୍ଦୁ ନବବର୍ଷ ଅବସରରେ ଗୁରୁବାର ସକାଳେ ଭାରତୀୟ ସଂସ୍କୃତି ପ୍ରଚାର ସମିତିର ବାସୁଦେବପୁର ଶାଖା ଆନୁକୂଲ୍ୟରେ ଏକ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ବାଳିନଗର ଯାଦବ ପଡ଼ିଆସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରୁ ଗଣଦୌଡ଼ ଆରମ୍ଭ ହୋଇ ସହର ପରିକ୍ରମା କରି ହନୁମାନ ବାଟିକା ପରିସରରେ ଥିବା ରାମମନ୍ଦିର ଠାରେ ଶେଷ ହୋଇଥିଲା। ଆରଏସ୍ଏସ୍‌ର ବାଲେଶ୍ୱର ଶାରୀରିକ ବିଭାଗ ପ୍ରମୁଖ ନାରାୟଣ ମହାକୁଡ଼ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଶତାଧିକ ଯୁବକ ଏଥିରେ ସାମିଲ ହୋଇଥିଲେ। ସାମାଜିକ କର୍ମୀ ବାଣୀକଲ୍ୟାଣ ମହାନ୍ତି, ଅଶୋକ ସାହୁ, ଅସିତ କୁମାର ଦାଶ, ଜୟପ୍ରକାଶ ମଲ୍ଲିକ, ରଶ୍ମିରଞ୍ଜନ ପଲେଇ, ସସ୍ମିତ ମହାନ୍ତି, ପ୍ରତାପ ପାଢ଼ୀ, ରତିକାନ୍ତ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ରୀରାମ ନବମୀ ମହୋତ୍ସବ: ସାଧୁସନ୍ଥ, ଗୋ ପୂଜନ


ସନ୍ଥ ସଭାରେ ରାଜ୍ୟ ସଭା ସଦସ୍ୟ ମନମୋହନ ସାମଲ ଓ ସାଧୁମାନେ।

ଭଦ୍ରକ,୧୯।୩(ସନାତନ ରାଉତ)

ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଗୁରୁବାର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବିଷ୍ଣୁପୁର ପଞ୍ଚାୟତର ହସନପୁରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଗୋ ମାତା ଓ ସାଧୁସନ୍ଥ ପୂଜନ କରାଯାଇଛି। ବିଭିନ୍ନ ମଠ ମନ୍ଦିରରୁ ଆସିଥିବା ୬୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଓ ୫୦ରୁ ଊର୍ଦ୍ଧ୍ୱ ଗୋ ମାତାଙ୍କୁ ପୂଜା କରାଯାଇଥିଲା।

ଭଦ୍ରକ ସହରର ଗାନ୍ଧୀପଡ଼ିଆଠାରେ ଭୂମିପୂଜନ ସରିବା ପରେ ସାଧୁସନ୍ଥଙ୍କୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରି ପୂଜନ ସ୍ଥଳୀକୁ ନିଆଯାଇଥିଲା। ସାଧୁସନ୍ଥମାନେ ହସନପୁର ଗ୍ରାମରେ ପହଞ୍ଚିବା ପରେ ଗ୍ରାମର ମହିଳାମାନେ ଫୁଲ, ଚନ୍ଦନ ଦେଇ କୀର୍ତ୍ତନ କରି ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ସାଧୁସନ୍ଥଙ୍କ ଦ୍ୱାରା ଗୋମାତା ପୂଜନ କରାଯିବା ସହ ହିନ୍ଦୁ ନବବର୍ଷ ପାଳନ କରାଯାଇଥିଲା। ଉତ୍କୃଷ୍ଟ ଗୋମାତାଙ୍କୁ ଚିହ୍ନଟ କରାଯାଇ


ବାଇକ୍ ଶୋଭାଯାତ୍ରା।

ଏହାର ପାଳକଙ୍କୁ ସମ୍ମାନିତ କରାଯିବ ବୋଲି ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମହାଯଜ୍ଞ ସମିତିର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସନ୍ଥ ସଭାରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ୱାମୀ ଦଣ୍ଡଧାରୀ ମହାରାଜ, ଚନ୍ଦନଶ୍ରୀ ମହାପାତ୍ର, ଗଙ୍ଗାରାମ ଦାସ ମହାରାଜ, ପ୍ରଦୀପ କୁମାର ନାୟକ ମହାରାଜ ଏବଂ ରବି ଦାସ ମହାରାଜ ଯୋଗଦେଇଥିଲେ। ସମିତିର ବରିଷ୍ଠ ଉପଦେଷ୍ଟା ରାଜ୍ୟ ସଭା ସଦସ୍ୟ ମନମୋହନ ସାମଲ, ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, ଉପସଭାପତି ତ୍ରିଲୋଚନ ନାୟକ, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ଆଇନଜୀବୀ ତୁଷାରକାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହ କୋଷାଧ୍ୟକ୍ଷ ଶିବଶଙ୍କର ଦାସ, ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା, ଭଗବାନ ପଣ୍ଡା, କେନ୍ଦ୍ରୀୟ ଗୋପୂଜନ ସଂଯୋଜକ ରଘୁନାଥ ସାହୁ, ଡା. ଦେବରାଜ ପାତ୍ର, କେନ୍ଦ୍ରୀୟ ସମିତିର ବରିଷ୍ଠ ସଦସ୍ୟ କୈଳାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍‌କୁ ଧକ୍କା ଦେଲା ହାଇୱା: ଚାଳକ ମୃତ, ହେଲ୍‌ପର ଆହତ

ଭଣ୍ଡାରିପୋଖରୀ,୧୯।୩(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଯାମିନିବିନ୍ଧା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ହାଇୱା ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲ୍‌ପର ଆହତ ହୋଇଛନ୍ତି। ମୃତକ ହେଲେ ଭଦ୍ରକ ଟାଉନ ଥାନା ଅଧୀନ ଗବସାହି ଗ୍ରାମର କୈଳାସ ମୁଣ୍ଡା(୩୧)। ସୂଚନା ଅନୁଯାୟୀ, ବାଲି ବୋଝେଇ ହାଇୱା (ଓଡି ୨୨ ଏସି ୩୩୬୬) ଭଦ୍ରକ ଆଡ଼କୁ ଯାଉଥିବା ବେଳେ ପେଟ୍ରୋଲ ପମ୍ପ ନିକଟରେ ଏକ ମାଛ ବୋଝେଇ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଷ୍ଟିୟରିଂରେ ଚାପିହୋଇ ହାଇୱା ଚାଳକ କୈଳାସଙ୍କର ମୃତ୍ୟୁ ଘଟିଥିଲା। ହେଲ୍‌ପର ସେହି ଗ୍ରାମର ଖଗେଶ୍ୱର ଯେନା(୨୯)ଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ଦୁର୍ଘଟଣା ଯୋଗୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ଗାଡ଼ି ଚଳାଚଳ ସ୍ୱାଭାବିକ କରିବା ସହ ହାଇୱାକୁ ଜବତ କରିଥିଲା। ମାଛ ବୋଝେଇ ଗାଡ଼ି ଫେରାର ହୋଇଯାଇଥିଲା। ମୃତ ଚାଳକଙ୍କ ପଡ଼ୋଶୀ ଗବସାହିର ଅନିଲ କୁମାର ସାହୁଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୩୪/୨୬) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଆଗରେ ଯାଉଥିବା ଟ୍ରକ୍ ଅନିୟନ୍ତ୍ରିତ ଭାବେ ବ୍ରେକ୍ ମାରିବା ଯୋଗୁ ହାଇୱା ଚାଳକ ଭାରସାମ୍ୟ ହରାଇବାରୁ ଧକ୍କା ହୋଇଥିବା ଏତଲାରେ ଦର୍ଶାଯାଇଛି।

## ଜିହ୍ୱା ପରି କୋମଳ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

ଧୁଷୁରୀ,୧୯।୩(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ପାଳସାହିସ୍ଥିତ ପରମେଶ୍ୱର ଶିଶୁ ବିଦ୍ୟାପୀଠର ବାର୍ଷିକୋତ୍ସବ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରଶାନ୍ତ ପରିଡ଼ାଙ୍କ ସଭାପତିତ୍ୱ ଓ ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଂଯୋଜନାରେ ସଭା ହୋଇଥିଲା। ଅବସରପ୍ରାପ୍ତ ଏବିଇଓ ଶ୍ରୀଚରଣ ମଲ୍ଲିକ ମୁଖ୍ୟଅତିଥି, ଧାମନଗର ଏବିଇଓ ସତ୍ୟସୁନ୍ଦର ପରିଡ଼ା ମୁଖ୍ୟବକ୍ତା, ଶିକ୍ଷା ବିକାଶ ପରିଷଦର ଜିଲା ସଂଯୋଜକ ସୁଦର୍ଶନ ପ୍ରଧାନ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ବେହେରା, ଅନୁଷ୍ଠାନ ସମ୍ପାଦକ ଭାଗୀରଥି ବାରିକ, ଅବସରପ୍ରାପ୍ତ ଅଧ୍ୟାପକ ତ୍ରିଲୋଚନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦାନ୍ତ ପରି କଠିନ ନ ହୋଇ ଜିହ୍ୱା ପରି କୋମଳ ହେବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଛନ୍ତି। ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ଆର୍ଯ୍ୟଭଟ୍ଟ ଗଣିତ ମେଧା ଟେଷ୍ଟରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟା ମଧୁସ୍ମିତା ଦାସ, ଗୁରୁମା' ବିଳାସିନୀ ସାହୁ, କ୍ଷୀରୋଦିନୀ ପାଣ୍ଡବ, ଶୈଳବାସିନୀ ଦାସ, ସବିତା ଖଟୁଆ, ପ୍ରତିମା ମହାନ୍ତି, ଲିଜାରାଣୀ ନାୟକ, ମିନୁ ଖଟୁଆ, ସ୍ମୃତିରେଖା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ବର୍ଣ୍ଣବୋଧ ବିନା ଓଡ଼ିଆ ଭାଷାର ପ୍ରଗତି ଅସମ୍ଭବ'



ଜିଲାସ୍ତରୀୟ ବର୍ଣ୍ଣବୋଧ ଦିବସ କାର୍ଯ୍ୟକ୍ରମରେ ଭଦ୍ରକ ବ୍ଲକ ଶିକ୍ଷାଧିକାରୀଙ୍କୁ ସମ୍ମାନିତ କରାଯାଉଛି।

ଭଦ୍ରକ,୧୯।୩(ରବିନାରାୟଣ ଖିଲାର)

ବର୍ଣ୍ଣବୋଧ ବିନା ଓଡ଼ିଆ ଭାଷାର ପ୍ରଗତି ଅସମ୍ଭବ। ଭଦ୍ରକ ଜିଲାର ସାହିତ୍ୟ, ସଂସ୍କୃତି ଓ ସେବା ସଂଗଠନ ଡ. ନରହରି ବେହେରା ଟ୍ରଷ୍ଟ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଜିଲାସ୍ତରୀୟ ବର୍ଣ୍ଣବୋଧ ଦିବସ ପାଳନ ଅବସରରେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ ଏହି ମତବ୍ୟକ୍ତ କରିଛନ୍ତି। ନୂଆବଜାରସ୍ଥିତ ଭାଗବାତ କଲ୍ୟାଣ ମଣ୍ଡପରେ ଆବାହକ ଛବିଲତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପରିଚାଳିତ କରୋନା ଯୋଦ୍ଧା ଡ. ନରହରି ବେହେରା ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବିଶେଷ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଲ, ସମ୍ମାନନୀୟ ଅତିଥି ଶିକ୍ଷାବିତ୍ ପଣ୍ଡିତ ଦୟାନିଧି ଦାଶ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବ୍ୟାକରଣବିତ୍ ଏବଂ ଅବସରପ୍ରାପ୍ତ ଅଧ୍ୟାପକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଶିକ୍ଷାବିତ୍ ଅନାଦି ଚରଣ ଦାସ ଓ କୃଷ୍ଣଚନ୍ଦ୍ର ସେନାପତିଙ୍କୁ ସମ୍ମାନିତ କରାଯାଇଥିଲା। ବର୍ଣ୍ଣବୋଧ ସମ୍ପର୍କିତ ସାଧାରଣଜ୍ଞାନ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦେବଦତ୍ତା ବେଦାନ୍ତ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ସମ୍ପାଦକ ପ୍ରାଧ୍ୟାପକ ନୀହାର ରଞ୍ଜନ କର ବାର୍ଷିକ ବିବରଣୀ ପାଠ କରିଥିଲେ। ବିମଳ କୁମାର ବିଶ୍ୱାଳ, ସରୋଜ ବିଶ୍ୱାଳ, ତପନ କୁମାର ପଣ୍ଡା, ମନୋରମା ରାୟ, ଶ୍ରଦ୍ଧାଞ୍ଜଳି କର ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ବେଦଦତ୍ତା ବେଦାନ୍ତ ଧନ୍ୟବାଦ ଦେଇଥିଲେ।

## ମଣ୍ଡିରେ ଅନିୟମିତତା: ସମିତି କାର୍ଯ୍ୟାଳୟ ସାମ୍ନାରେ ୨ ଚାଷୀଙ୍କ ଧାରଣା

ତିହିଡ଼ି,୧୯।୩(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ବାରସର ସମବାୟ ସମିତି ମଣ୍ଡିରେ ଧାନକିଣାରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଜଣେ ଚାଷୀ ଧାନ ବିକି ପ୍ରାପ୍ୟ ପାଇ ନ ଥିବାବେଳେ ଅନ୍ୟ ଜଣେ ଧାନ ବିକି ପାରିନାହାନ୍ତି। ଏହାର ପ୍ରତିବାଦରେ ତିଆଡ଼ିସାହି ଗ୍ରାମର ଚାଷୀ ପ୍ରଦୀପ୍ତ କୁମାର ମିଶ୍ର ଏବଂ ବାଗସାହିପାଳ ଗ୍ରାମର ସନ୍ତୋଷ ସାହୁ ଗୁରୁବାର ସକାଳେ ସମିତିର ଧାନକ୍ରୟ କେନ୍ଦ୍ର କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଥିଲେ। ପ୍ରଦୀପ୍ତ ଦର୍ଶାଇଥିଲେ, ସମିତିରେ ଜାନୁଆରୀ ୨୩ ରୁ ଫେବୃଆରୀ ୨୧ ମଧ୍ୟରେ ଧାନ ଦେବାକୁ ତାଙ୍କୁ ମିଳିଥିବା ଟୋକନରେ ଉଲ୍ଲେଖ ଥିଲା। ଗତ ମାସ ୧୯ ତାରିଖରେ ସେ ମଣ୍ଡିରେ ୭୫ କୁଇଣ୍ଟାଲ ଧାନ ଦେଇଥିଲେ। ମାତ୍ର ତାଙ୍କର ଆଖି ସ୍କାନ କରା ନ ଯିବାରୁ ସେ ପ୍ରାପ୍ୟ ପାଇନାହାନ୍ତି। ସେହିପରି ସନ୍ତୋଷ ଦର୍ଶାଇଥିଲେ, ତାଙ୍କ ବାପା ସୁବାସ ସାହୁ ସମିତିରେ ଧାନ ବିକିବାକୁ ପଞ୍ଜୀକରଣ କରିଥିଲେ। ତାଙ୍କୁ ମିଳିଥିବା ଟୋକନରେ ଜାନୁଆରୀ ୧୨ରୁ ଫେବୃଆରୀ ୧୦ ମଧ୍ୟରେ ଧାନ ବିକିବାକୁ ଉଲ୍ଲେଖ ଥିଲା। ମାତ୍ର ସମିତିରେ ଧାନ ବିକିବା ତାରିଖ ଭୁଲ୍ କ୍ରମେ ଗତ ମାସ ୧୨ ତାରିଖ ଲେଖାଯାଇଥିଲା। ସମିତି କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁ ଟୋକନ ଅବଧି ସରିଯିବାରୁ ସେ ଧାନ ବିକିପାରି ନ ଥିବା କହିଛନ୍ତି। ପ୍ରଦୀପ୍ତଙ୍କୁ ପ୍ରାପ୍ୟ ପ୍ରଦାନ ଏବଂ ସନ୍ତୋଷଙ୍କ ଧାନ କ୍ରୟ କରାଯିବା ଦିଗରେ ପଦକ୍ଷେପ ନିଆଯିବାକୁ ସେମାନେ ଦାବି କରିଛନ୍ତି। ସମିତି କାର୍ଯ୍ୟାଳୟରେ ସଭାପତି ମାନସ ରଞ୍ଜନ ନାୟକଙ୍କ ସମେତ ପୂର୍ବତନ ସଭାପତି ନୃସିଂହ ମହାକୁଡ଼, ଶ୍ରୀଧର ମଲିକ, ପୂର୍ବତନ ସରପଞ୍ଚ ମାନସ ସାହୁ, ସୁରେଶ ଦାସ, ବିପିନ ରାଉତ, ଦୀନବନ୍ଧୁ ମହାକୁଡ଼, ଉପେନ୍ଦ୍ର ରାଉତ, ନୀଳମଣି ମାଝୀ ପ୍ରମୁଖ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଉଭୟ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସ୍ଥିର ହେବାରୁ ମଧ୍ୟାହ୍ନରେ ସେମାନେ ଧାରଣାରୁ ଉଠିଥିଲେ।

## ପ୍ରଧାନ ଆଚାର୍ଯ୍ୟଙ୍କ ନିଲମ୍ବନର ପ୍ରତିବାଦ

ତିହିଡ଼ି,୧୯।୩ (ସଞ୍ଜିତ ବଳ)

ତିହିଡ଼ିସ୍ଥିତ ଶିଶୁ ବିଦ୍ୟାମନ୍ଦିରର ଗୁରୁମା' ଓ ଗୁରୁଜୀମାନେ ଗୁରୁବାର ସକାଳେ ବିଦ୍ୟାମନ୍ଦିର ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ପ୍ରଧାନଆଚାର୍ଯ୍ୟଙ୍କୁ ନିଲମ୍ବନ, ଗୁରୁମା', ଗୁରୁଜୀମାନଙ୍କୁ ମାନସିକ ନିର୍ଯାତନା ଓ ଦୁର୍ବ୍ୟବହାର ପ୍ରତିବାଦରେ ସେମାନେ ଧାରଣାରେ ବସିଥିଲେ। ସେମାନେ ଏ ସମ୍ପର୍କରେ ବିଡିଓ, ତହସିଲଦାର, ତିହିଡ଼ି ଥାନା ଆଇଆଇସି ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି ନିଲମ୍ବିତ ପ୍ରଧାନଆଚାର୍ଯ୍ୟଙ୍କୁ ପୁନଃ ଅବସ୍ଥାପିତ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି, କୌଣସି କାରଣ ନ ଥାଇ ପ୍ରଧାନଆଚାର୍ଯ୍ୟ ପ୍ରକାଶ କୁମାର ବେହେରାଙ୍କୁ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ପକ୍ଷରୁ ନିଲମ୍ବନ କରାଯାଇଛି। ଏହାବ୍ୟତୀତ ଗୁରୁମା' ଓ ଗୁରୁଜୀମାନଙ୍କୁ ମାନସିକ ନିର୍ଯାତନା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଛି। ଦୀର୍ଘ ୨୫ ବର୍ଷ ହେଲା ଆଚାର୍ଯ୍ୟା, ଆଚାର୍ଯ୍ୟ, ସେବିକାଙ୍କ ଦକ୍ଷିଣା ଶିକ୍ଷା ବିକାଶ ସମିତିର ସ୍ଲାବ ଓ ବେସିକ ଅନୁଯାୟୀ ହୋଇପାରୁ ନାହିଁ। ସୁବ୍ରତ କୁମାର ଦାସ, ପ୍ରଶାନ୍ତ କୁମାର ପ୍ରଧାନ, ଗୋପାଳ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସ୍ୱାଧୀନେଶ୍ୱରୀ ପାଣିଗ୍ରାହୀ, ଅମିୟ ରଞ୍ଜନ ଦାସ, ସୁରେଶ ଚନ୍ଦ୍ର ପୁହାଣ, ଭବାନୀ ଆଚାର୍ଯ୍ୟ, ଲିଜା ଦାସ, କଳ୍ପନାରାଣୀ ବିଶ୍ୱାଳ, ଭୁବନେଶ୍ୱରୀ ସେନାପତି ପ୍ରମୁଖ ଗୁରୁମା' ଓ ଗୁରୁଜୀ ଧାରଣା ଦେଇଥିଲେ। ଶିକ୍ଷା

### ବିଦ୍ୟାମନ୍ଦିର ଫାଟକରେ ତାଲା ପକାଇ ଧାରଣା

ବିକାଶ ସମିତି ପକ୍ଷରୁ ଶୁକ୍ରବାର ଏନେଇ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇ ସମସ୍ୟାର ସମାଧାନ କରାଯିବାକୁ ବାସୁଦେବପୁର ସଙ୍କୁଳ ପ୍ରମୁଖ କିଶୋର କୁମାର ନାୟକ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ବିଦ୍ୟାମନ୍ଦିର ପରିଚାଳନା ସମିତିର ସଭାପତି ନିତ୍ୟାନନ୍ଦ ମଲ୍ଲିକଙ୍କୁ ପଚାରିବାରୁ କେତେକ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ପାଇଁ ପ୍ରଧାନଆଚାର୍ଯ୍ୟଙ୍କୁ ନିଲମ୍ବନ କରାଯାଇଥିବା କହିଛନ୍ତି।

# ନଦୀ ସୁରକ୍ଷା କାମରେ ଅନିୟମିତତା

## ପାଣିରେ ପଡ଼ିବ ୬ କୋଟି ଟଙ୍କା

ଧାମନଗର,୧୯।୩(ଦେବେନ୍ଦ୍ର ଆଦିଆ)

ଆଖୁଆପଦା ଜଳସମ୍ପଦ ଡିଭିଜନ ଅଧୀନରେ ଚାଲିଥିବା ଗେଙ୍ଗୁଟି ନଦୀର ଦକ୍ଷିଣପାର୍ଶ୍ୱ ସୁରକ୍ଷା ପ୍ରକଳ୍ପ କାର୍ଯ୍ୟକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଧାମନଗର ବ୍ଲକ କରଦା ପଞ୍ଚାୟତର ଖରାଖାଇଠାରୁ ଦଳାଙ୍ଗ ପଞ୍ଚାୟତର କଣ୍ଟଦା ପର୍ଯ୍ୟନ୍ତ ଚାଲିଥିବା ପଥର ପିଚିଂ କାର୍ଯ୍ୟରେ ଭାରତୀୟ ମାନକକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି।

ପ୍ରାୟ ୬ କୋଟି ବ୍ୟୟବରାଦରେ ଏହି କାମକୁ ଗତବର୍ଷ ସେପ୍ଟେମ୍ବରରେ ଟେଣ୍ଡର ଦିଆଯାଇଥିବା ବେଳେ ନିମ୍ନମାନର କାମ ଯୋଗୁ ଆଗାମୀ ବନ୍ୟାରେ ଏହି ସୁରକ୍ଷା ବନ୍ଧ ଧସିଯିବା ଆଶଙ୍କା ସୃଷ୍ଟି ହୋଇଛି। ନଦୀକୂଳର ମୃତ୍ତିକା କ୍ଷୟ ରୋକିବା ପାଇଁ ଭାରତୀୟ ମାନକ ଆଇଏସ୍ ୧୪୨୬୨: ୧୯୯୫ ଅନୁଯାୟୀ କାର୍ଯ୍ୟ କରିବା ବାଧ୍ୟତାମୂଳକ। ମାତ୍ର ବାସ୍ତବ ସ୍ଥିତି ଦେଖିଲେ ଜଣାଯାଉଛି ଯେ, ଏଠାରେ କୌଣସି ନିର୍ଦ୍ଦେଶାବଳୀ ପାଳନ କରାଯାଉ ନାହିଁ। ନିୟମ ଅନୁସାରେ ପିଚିଂ ପାଇଁ ସର୍ବନିମ୍ନ


କରଦାଠାରେ ଗେଙ୍ଗୁଟି ନଦୀରେ ପଥରପ୍ୟାକିଂ ନିମ୍ନମାନର ସହ ଲଞ୍ଚିଂ ହୋଇନାହିଁ।

୪୦ କିଲୋଗ୍ରାମ ଓଜନର କଠିନ ଆଗ୍ନେୟ ଶିଳା ବା ପଥର ବ୍ୟବହାର ହେବା କଥା। ଠିକାଦାର ଅତି ଛୋଟ ଓ ନିମ୍ନମାନର ପଥର ବ୍ୟବହାର କରି କାମ କରୁଛନ୍ତି। ନଦୀର ଏହି ସ୍ଥାନ ଓ ଉପର ମୁଣ୍ଡରେ ଏକାଧିକ ବାଙ୍କ ରହିଥିବାରୁ ବନ୍ୟା ସମୟରେ ସ୍ରୋତର ପ୍ରଖରତା ଖୁବ୍ ଅଧିକ ରହେ। ଏଭଳି ସ୍ଥାନରେ ମାଟି ଖୋଳିହେବା ବା ଅତଡ଼ା ଖସିବା ରୋକିବା ପାଇଁ ଅତିକମ୍‌ରେ ୫ ଫୁଟ ଚଉଡ଼ାର ଲଞ୍ଚିଂ ଏବଂ ମଜଭୁତ ଟୋ-ୱର୍ମ ରହିବା ନିତାନ୍ତ ଆବଶ୍ୟକ। ମାତ୍ର ପ୍ରକଳ୍ପ ସ୍ଥଳରେ ଏହାର ଚିହ୍ନବର୍ଣ୍ଣ ନାହିଁ। ସେହିପରି ଦଳାଙ୍ଗଠାରେ ଲଞ୍ଚିଂ ହେବା ସ୍ଥାନରେ ମାଟିରେ ଏକ ଅସ୍ଥାୟୀ ପଥର ବନ୍ଧ ନିର୍ମାଣ କରାଯାଇ ତା' ଉପରେ ୮ ଇଞ୍ଚ ମୋଟାର ଖଣ୍ଡେ ଖଣ୍ଡେ ପଥର ଦେଇ ପ୍ୟାକିଂ କରାଯାଇଛି। ଯାହାକି ସମ୍ପୂର୍ଣ୍ଣ ପଥରରେ ହିଁ ହେବା କଥା। ଉକ୍ତ କାର୍ଯ୍ୟକୁ କୌଣସି ବିଭାଗୀୟ ଅଧିକାରୀ କିମ୍ବା ଅଧସ୍ତନ କର୍ମଚାରୀ ତଦାରଖ କରୁନାହାନ୍ତି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ଗୋଟିଏ ବନ୍ୟାରେ ଲଞ୍ଚିଂ ଓ ପ୍ୟାକିଂ କାର୍ଯ୍ୟ ନଦୀଗର୍ଭରେ ଲୀନ ହୋଇଯିବ। ଠିକାଦାର ଏଠାରେ ଲଞ୍ଚିଂ କରୁନାହାନ୍ତି। ସିଧାସଳଖ ନଦୀପଠାରେ ପଥର ବିଛାଇ ଦେଉଛନ୍ତି। କାମ ହେଉଥିବା ସ୍ଥାନର ତଳମୁଣ୍ଡରେ କରଦା-ରାମେଶ୍ୱରପୁର ପୋଲ ରହିଛି। ପୋଲର ଆବଟମେଣ୍ଟ ୱାଲ୍‌ରେ ପାଣି ପିଟି ହେବା ଫଳରେ ଉପରମୁଣ୍ଡର ନଦୀପଠା କ୍ଷତିଗ୍ରସ୍ତ ହେଉଛି। ଏଭଳି ସ୍ଥିତିରେ ସର୍ବାଧିକ ବନ୍ୟାଜଳ ସ୍ତରକୁ ଅନୁଧ୍ୟାନ ନ କରି କରାଯାଉଥିବା ଏହି କାମ ସରକାରୀ ଅର୍ଥର ଅପବ୍ୟୟ ଛଡ଼ା ଆଉ କିଛି ନୁହେଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟରେ ସଂଶୋଧନ କରା ନ ଗଲେ ଆଗାମୀ ବର୍ଷାଋତୁରେ ଏହି ସୁରକ୍ଷା ପ୍ରକଳ୍ପ ତାସ୍‌ର ଘର ଭଳି ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଛି। ଏ ସମ୍ପର୍କରେ ଧାମନଗର ଜଳ ସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଏଷ୍ଟିମେଟ ଅନୁଯାୟୀ କାମ ହୋଇଛି କହିଛନ୍ତି। ବିଭାଗୀୟ ଉଚ୍ଚ ପଦାଧିକାରୀ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।





# ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ

## ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ଜିଲାସ୍ତରୀୟ ପ୍ରସ୍ତୁତି



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

**କେନ୍ଦୁଝର,୧୯।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ଦରବାର ହଲଠାରେ ଅପ୍ରିଲ ଓ ମେ ମାସରେ ଗ୍ରୀଷ୍ମ ପ୍ରବାହର ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗାଇଡ୍‌ଲାଇନ ଅନୁଯାୟୀ ଏକ ଜିଲସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତା କରିଥିଲେ। ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖରାରେ ଚଳପ୍ରଚଳ ଓ ଶ୍ରମିକ କାର୍ଯ୍ୟ ବନ୍ଦ ରଖିବା, ମଧ୍ୟାହ୍ନ ସମୟରେ ବିଦ୍ୟୁତ୍ କାଟ ନିଷେଧ, ଜିଲାରେ ୨୪/୭ ନିୟନ୍ତ୍ରଣ କକ୍ଷଖୋଲା ଯିବାକୁ ବୈଠକରେ ଜିଲାପାଳ ସ୍ପଷ୍ଟ କରିଛନ୍ତି। ଜିଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟ ରଖିବା ପ୍ରଶାସନର ପ୍ରଥମ ଦାୟିତ୍ୱ ବୋଲି କହିଥିଲେ।

ପ୍ରକାଶ ଯେ, ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୌଣସି ପରିବହନ ସେବା, କିମ୍ବା ଖଣି ଓ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ଜାରି ରହିବ ନାହିଁ। ଯାତ୍ରୀବାହୀ ବସ୍‌ଗୁଡ଼ିକରେ ଡ୍ରାଇଭର ଓ ଯାତ୍ରୀଙ୍କ ସୁରକ୍ଷା ପାଇଁ କୁଲିଂ ବ୍ୟବସ୍ଥା ଓ ଜଳ ସଂରକ୍ଷଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ୍‌ରେ ପିଲାଙ୍କ ସୁରକ୍ଷା ପାଇଁ ସକାଳୁଆ ସ୍କୁଲ ନିୟମ ପାଳନ କରିବାକୁ କୁହାଯାଇଛି। ଜିଲାର ସମସ୍ତ ବ୍ଲକ୍, ମ୍ୟୁନିସିପାଲିଟି ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ପର୍ଯ୍ୟାପ୍ତ ଜଳଛତ୍ର ଓ ବନ୍ଦ ରହିଥିବା ବିଶ୍ରାମାଗାର ଖୋଲିବାକୁ କୁହାଯାଇଛି। ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଅଚଳ ନଳକୂପଗୁଡ଼ିକର ତୁରନ୍ତ ମରାମତି ଏବଂ ପାଇପ୍‌ଲାଇନ ଲିକ୍‌କୁ ୨୪ ଘଣ୍ଟା ମଧ୍ୟରେ ଠିକ୍ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟପ୍ରାଣୀଙ୍କ ପାଇଁ ଜଙ୍ଗଲ ମଧ୍ୟରେ ପାଣିର ବ୍ୟବସ୍ଥା କରିବାକୁ ବନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଅଂଶୁଘାତ ରୋଗୀଙ୍କ ପାଇଁ ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଜିଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ, ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପ ଜିଲାପାଳ କେନ୍ଦୁଝର ଉମାକାନ୍ତ ଦଳାଇ, ଉପ ଜିଲାପାଳ ଚମ୍ପୁଆ ଉମାକାନ୍ତ ପରିଡା, ଉପଜିଲାପାଳ ଆନନ୍ଦପୁର ନୀଳମାଧବ ସୁନା, ଜିଲା ଜରୁରିକାଳୀନ ଅଧିକାରୀ ଅଭିଳାଷ ପୁରୋହିତ, ଜିଲା ସୂଚନା ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଏବଂ ଜିଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟି ଶର୍ଟ ଧରାଇଦେଲା ବାଇକ୍ ଚୋର

ଆନନ୍ଦପୁର,୧୯।୩(ସୁଶାନ୍ତ କୁମାର ସାହୁ): ଟି ଶର୍ଟ ଧରାଇଦେଲା ବାଇକ ଚୋର। ଫିଲ୍ମ ଷ୍ଟାଇଲରେ ଗୋଟିଏ ଟି ଶାର୍ଟ ବ୍ୟବହାର କରି ଗୋଟିଏ ପରେ ଗୋଟିଏ ବାଇକ୍ ଚୋରି କରୁଥିଲେ। ଏହିପରି ଘସିପୁରା ଥାନା ଶୈଳଙ୍ଗ ଛକରେ ଘଟିଥିବା ଏକ ବାଇକ୍ ଚୋରି ଘଟଣାର ତଦନ୍ତ କରି ପୋଲିସ ସମ୍ପୃକ୍ତ ଚୋରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତ ବ୍ୟବହାର କରୁଥିବା ଏକ ଟି ଶର୍ଟକୁ ଆଧାର କରି ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଥିବା କହିଛି। ଅଭିଯୁକ୍ତ ଜଣକ ହତିଶୀଳା ଗାଁର ଦୀପକ ରାଉତ। ଅଭିଯୁକ୍ତ ବାଇକକୁ ଚୋରି କରିବା ପରେ ପଥରପଦା ଗାଁର ପାପୁନ ପେରେଇ ନାମକ ଯୁବକଙ୍କୁ ବିକ୍ରି କରିଥିଲେ। ଉଭୟଙ୍କୁ ମାମଲା (ନଂ.୧୩୨/୨୬)ରୁଜୁ କରି ପୋଲିସ ଗିରଫ କରି ପଚରାଉଚରା କରିବା ପରେ ଦୀପକ ଅନେକ ବାଇକ ଚୋରିରେ ସମ୍ପୃକ୍ତି ଥିବା ଜାଣିବାକୁ ପାଇଛି। ଘଟଣାରେ ଅନ୍ୟ ୪ ଜଣ ସାମିଲ ଥିବା ପୋଲିସ କହିଛି। ଗୁରୁବାର ଘସିପୁରା ଥାନାରେ ଏସଡିପିଓ କମଲ କୁମାର ପଣ୍ଡା ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

### ବାଲିବରେଇ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଉଳା,୧୯।୩(ଦୁର୍ଗା ପ୍ରଶାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଲିବରେଇ ପ୍ରାଥମିକ ବିଦ୍ୟାଳୟର ୧୪୧ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଛି। ବାଲିବରେଇ କ୍ଲଷ୍ଟର ସିଆରସିସି ବିଶ୍ୱଜିତ୍ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଢେଙ୍କା ସିଆରସିସି ନିରଞ୍ଜନ ପଣ୍ଡା, ମୁଖ୍ୟ ବକ୍ତାଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ମୋହନ ମହାନ୍ତି, ସମ୍ମାନିତ ଅତିଥିଭାବେ ସିଆରସିସି ପଙ୍କଜ ରାଉତ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ମଧୁସୂଧନ ମାଝୀ, ବିଦ୍ୟାଳୟ କମିଟି ସଭାପତି ବିଶ୍ୱ ବନ୍ଧିତା ସାମଲ, ବାଲିବରେଇ କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରାଯାଇଥିଲା।

### ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପାଟଣା,୧୯।୩(ବୀର କିଶୋର ଦାଶ): ଚଳିତ ବର୍ଷ ୨୦୨୫-୨୬ରେ ଜାତୀୟ ଗ୍ରାମୀଣ ମେଧା ବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଡୁରୁମୁଙ୍ଗାର ୯ମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ରିତୁପର୍ଣ୍ଣା ମହାକୁଡ଼ ସର୍ବାଧିକ ୮୫ ନମ୍ବର ରଖି ପାଟଣା ବ୍ଲକ୍ ଟପ୍ପର ସହ ଜିଲାରେ ଦିତୀୟ ସ୍ଥାନ ଅଧିକାର କରିଛନ୍ତି। ଏନେଇ ତାଙ୍କୁ ବୁଧବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ସମ୍ବର୍ଦ୍ଧିତ କରାଯାଇଛି। ଆଚାର୍ଯ୍ୟ ସୁରଜ ଗିରିଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ।

### ବଜ୍ରପାତରେ ନଡ଼ିଆ ଗଛ, ବିଦ୍ୟୁତ୍ ଉପକରଣ ଜଳିଗଲା



ଢେଙ୍କିକୋଟ,୧୯।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ବୁଧବାର ରାତି ୮ ଟାରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସାଙ୍ଗକୁ ବର୍ଷା ହୋଇଥିଲା। ବଜ୍ରପାତରେ ଢେଙ୍କିକୋଟ୍ ବଜାରସ୍ଥିତ ରାମଚନ୍ଦ୍ର ସାହୁଙ୍କ ବାଡ଼ିରେ ଥିବା ନଡ଼ିଆ ଗଛ ହୁତୁହୁତୁ ହୋଇ ଜଳି ଯାଇଥିବା ବେଳେ ଘରର ବିଦ୍ୟୁତ ଉପକରଣ ପୋଡ଼ିଯାଇଛି। ଘର ୱାରିଂ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ଇନ୍‌ଭୋଟର ମଧ୍ୟ ଜଳି ଯାଇଛି। ଘର ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟରୁ ଯାଇଥିବା ସର୍ଭିସ ତାର ସବୁ ମଧ୍ୟ ପୋଡ଼ିଯାଇଛି। ଘଟଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

**ବଞ୍ଚୋ,୧୯।୩(ପ୍ରଦୋଷ ବିଶ୍ୱାଳ)**

କେନ୍ଦୁଝର ଜିଲା ଆନନ୍ଦପୁର ଷ୍ଟାଡିୟମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ) ନେତାଜୀ ପ୍ରଭାତ ଶାଖା ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ଉତ୍ସବ ଗୁରୁବାର ପାଳନ ହୋଇଛି। ଏହି ଅବସରରେ ଆନନ୍ଦପୁର ନଗର ସଂଘ ସହଚାଳକ ସର୍ବେଶ୍ୱର ଦଳେଇଙ୍କ ନେତୃତ୍ୱରେ ପ୍ରଥମେ ଧ୍ୱଜାରୋହଣ ଓ ସଂଘ ପ୍ରାର୍ଥନା ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଉତ୍ସବରେ କମଳାକାନ୍ତ ସୁର, ଶମ୍ଭୁନାଥ ରାଉତ, ସିପୁ ଜେନା, ଗଣେଶ୍ୱର ମହାନ୍ତି, ଜଳଧର ସାହୁଙ୍କ ସମେତ ଅନେକ ସ୍ୱୟଂସେବକ ଉପସ୍ଥିତ ଥିଲେ।

**କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):** କେନ୍ଦୁଝର କାଳୀ ପଡ଼ିଆଠାରେ ରାଷ୍ଟ୍ରୀୟ ନବବର୍ଷ ସ୍ୱାଗତ ଉତ୍ସବ ପାଳିତ ହୋଇଯାଇଛି। ବାୟୁସେନାର ଅବସରପ୍ରାପ୍ତ ଅଧିକାରୀ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ଜିଲା ସଂଘ ଚାଳକ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି, ମୁଖ୍ୟ ବକ୍ତା ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି ପ୍ରମୁଖ ଯୋଗଦେଇଥିଲେ। ହିନ୍ଦୁ ଜାଗୃତି ମଞ୍ଚ ପ୍ରାନ୍ତ ଉପଦେଷ୍ଟା ଦେବରାଜ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ସହ ଜିଲା ସଂଯୋଜକ ନିରଞ୍ଜନ ପଳେଇ ବିବରଣୀ ପାଠ କରିଥିଲେ। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଈଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ପ୍ରଣବ ବେହେରା, ମନୋଜ ମହାନ୍ତ, ହିନ୍ଦୁ ଜାଗୃତି ମଞ୍ଚର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

**ବଡ଼ବିଲ,(ଜୟନ୍ତୀ ରଣା):** କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ପୂର୍ବାହ୍ନ ୮ଟାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ବିଦ୍ୟାଳୟର ଶିକ୍ଷକ ଧର୍ମେନ୍ଦ୍ର ମହାନ୍ତ ଦୀପ ପ୍ରଜ୍ଜ୍ୱଳନ କରି ସଭାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିପିନ ବିହାରୀ ସ୍ୱାଗତ ଭାଷଣ ଦେଇଥିଲେ। ୨୯୫ ଜଣ ଛାତ୍ରୀଛାତ୍ର ରାଷ୍ଟ୍ରୀୟ ହିନ୍ଦୁ ଧ୍ୱଜା ଉତ୍ତୋଳନ କରି ପ୍ରାର୍ଥନା ଗାନ କରିଥିଲେ।

**ଚମ୍ପୁଆ,(ମହେଶ୍ୱର ଦାସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ବକ୍ତାଭାବେ ଏନ୍‌ସିସି ଅଫିସର ବସନ୍ତ ମହାନ୍ତ ଯୋଗଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ ଚିତରଞ୍ଜନ ମହାନ୍ତ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନଗର ପରିକ୍ରମା କରାଯାଇଥିଲା। ଅପରାହ୍ନରେ ଚମ୍ପୁଆ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସେବକଙ୍କ ଦ୍ୱାରା ନଗରରେ ପଥ ସଂଚାଳନ କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ନଗରର ବ୍ୟବସାୟୀ ଭୀମସେନ ପାଣିଗ୍ରାହୀ, ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ କେନ୍ଦୁଝର ଜିଲା ସହ ଜିଲା ଶାରୀରିକ ପ୍ରମୁଖ ମଳୟ ଖଣ୍ଡା ଯୋଗଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଚମ୍ପୁଆ ଖଣ୍ଡ କାର୍ଯ୍ୟବାହ ଦୁଷ୍ମନ୍ତ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ଆରଏସ୍‌ଏସ୍‌ର କର୍ମକର୍ତ୍ତା ପ୍ରାର୍ଥନା କରୁଛନ୍ତି।

# ଜଙ୍ଗଲ ଜମି କିସମ ପରିବର୍ତ୍ତନକୁ ନେଇ ଗ୍ରାମସଭା

**ଯୋଡ଼ା,୧୯।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଜୁରୁଡି ପଞ୍ଚାୟତ ଜୁରୁଡି ଗ୍ରାମରେ ଜଙ୍ଗଲ ଜମିକୁ ଅଣଜଙ୍ଗଲରେ ପରିବର୍ତ୍ତନ କରିବା ନେଇ ଓଡ଼ିଶା ଖଣି ନିଗମ (ଓଏମସି)ର ଜିଲିଙ୍ଗ ଲଙ୍ଗାଲୋଟା ଖଣିର ଗ୍ରାମସଭା ଗ୍ରାମର ଖେଳପଡ଼ିଆଠାରେ ଗୁରୁବାର ଅନୁଷ୍ଠିତ ହୋଯାଇଛି। ଗ୍ରାମର ୪ ନମ୍ବର ୱାର୍ଡରୁ ୧୧ ନମ୍ବର ୱାର୍ଡର ଗ୍ରାମବାସୀଙ୍କୁ ନେଇ ସଭା ଆୟୋଜିତ ହୋଇଥିଲା। ଜୁରୁଡି ଗ୍ରାମର ୨.୬୩୯ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିବର୍ତ୍ତନ ଏବଂ ଖଣି ଖନନ କାର୍ଯ୍ୟ ପାଇଁ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସୀକୃତ) ନିୟମ ୨୦୦୬ ଏବଂ ସଂଶୋଧନ ନିୟମ ୨୦୧୨ ପ୍ରକାରେ ପ୍ରମାଣ ପତ୍ର ପ୍ରାପ୍ତି ନିମନ୍ତେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମସଭାରେ ବଡ଼ବିଲ ଅତିରିକ୍ତ ତହସିଲଦାର ବିକେଶ ବର୍ମନ ସାହୁ, ଯୋଡ଼ା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱରୂପ ରାଜ ବିଶୋଇ ଯୋଗ ଦେଇଥିବା ବେଳେ ଜୁରୁଡି ସରପଞ୍ଚ ଶୁଭକାନ୍ତି ସୟ, ଜୁରୁଡି ସମିତିସଭ୍ୟ ରଜନୀ କାନ୍ତି ପେଣ୍ଟେଇ, ଜୁରୁଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ମହାନ୍ତ, ବନରକ୍ଷୀ ଦେବାଶିଷ ମହାପାତ୍ର, ଜଙ୍ଗଲ ଅଧିକାର କମିଟି ସଭାପତି ଅରୁଣ ସର୍ଦାର, ଜଙ୍ଗଲ ଅଧିକାର କମିଟି ସମ୍ପାଦକ ସୌରଭ ମାଝୀ, ୱାର୍ଡ ସଭ୍ୟ /ସଭ୍ୟା ଗଣେଶ୍ୱର ମୁଣ୍ଡା, ମାଧବୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମସଭାରେ ଜୁରୁଡି ଗ୍ରାମର ବହୁ ଗ୍ରାମବାସୀ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ବିଶେଷ କରି ସ୍ଥାନୀୟ ଅଞ୍ଚଳର ଲାଗି ରହିଥିବା ବିଭିନ୍ନ ମୌଳିକ ସମସ୍ୟା ଉପରେ ମତ ପ୍ରଶାସନ ନିକଟରେ ଉପସ୍ଥାପନ କରିଥିଲେ। ଗ୍ରାମବାସୀଙ୍କ ମୌଳିକ ଦାବି ଉପରେ ପ୍ରଶାସନ ଗୁରୁତ୍ୱ ପ୍ରଦାନ କରିବା ସହିତ ଦାବି ଉପରେ କମ୍ପାନୀ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଗ୍ରାମବାସୀମାନେ ଏହି ଗ୍ରାମସଭାକୁ ପୂର୍ଣ୍ଣ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା।



ସଭାରେ ଯୋଗଦେଇଥିବା ଗ୍ରାମବାସୀ।

## ସରକାରୀ ବସ୍‌କୁ ଧକ୍କାଦେଲା ଟ୍ରକ୍

ଢେଙ୍କିକୋଟ,୧୯।୩(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ବଜାର ମଧ୍ୟରେ ବୁଧବାର ରାତି ୮ଟାରେ ଏକ ସରକାରୀ ଯାତ୍ରୀବାହୀ ବସ୍‌କୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ବସ୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ୨ ଘଣ୍ଟା ରାସ୍ତା ଜାମ ହୋଇଥିଲା। ପ୍ରକାଶଯୋଗ୍ୟ, ଢେଙ୍କିକୋଟ ବଜାର ମଧ୍ୟ ଦେଇ ୨୦ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ ବଜାର ମଧ୍ୟରେ ଓଭରବ୍ରିଜ ରହିଛି। ସର୍ଭିସ ରୋଡ଼ ୨ ପାର୍ଶ୍ୱରେ ଡ୍ରେନ୍ କାମ ସମ୍ପୂର୍ଣ୍ଣ ହୋଇନାହିଁ କି ଓଭରବ୍ରିଜ ଉପରେ ଷ୍ଟ୍ରିଟ ଲାଇଟ ଲଗାଯାଇନାହିଁ। ଫଳରେ ଅନେକ ସମରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।

## ମେଗା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଆଜି ଚତୁର୍ଥ ଗ୍ରାମସଭା

ପାଟଣା,୧୯।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଶୁକ୍ରବାର ଚେମଣା ପଞ୍ଚାୟତ ଧର୍ନୁଜୟପୁର ଗ୍ରାମ ସ୍କୁଲ ପଡ଼ିଆରେ ଚତୁର୍ଥ ଗ୍ରାମସଭା ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟା ୩୦ମିନିଟରେ ଗ୍ରାମସଭା ଅନୁଷ୍ଠିତ ହେବ। ଏଥିରେ ୫୬.୧୧୦ ଡିସିମିଲ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯିବ। ଗ୍ରାମସଭାରେ ପାଟଣା ବ୍ଲକ୍‌ର ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ ବିଡିଓ ମାନସ କୁମାର ଦଣ୍ଡପାଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଯୋଗ୍ୟ, ପାଟଣା ତହସିଲ ଅଞ୍ଚଳରେ ଜେଏସ୍‌ଡବ୍ଲୁ ଏବଂ ପୋସ୍କୋ କମ୍ପାନୀର ମିଳିତ ଉଦ୍ୟମରେ ୪୦ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୫ ନିୟୁତ ଟନ କ୍ଷମତା ବିଶିଷ୍ଟ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ। ଏଥିପାଇଁ ପାଟଣା ବ୍ଲକ୍ ଚେମଣା ପଞ୍ଚାୟତର ୮ଟି ଗ୍ରାମ ଏବଂ ଜମୁନାପଶି ପଞ୍ଚାୟତର ୪ ଗ୍ରାମରେ ୨ହଜାର ୪ଶହ ୬୬ ଏକର ଜମି ଅଧିଗ୍ରହଣ କରାଯିବ।

# ସ୍ଲରି ପାଇପ୍‌ଲାଇନ କମ୍ପାନୀକୁ ଅନୁକମ୍ପା

- ଅଭିଯୋଗ ପରେ ମଧ କାର୍ଯ୍ୟାନୁଷ୍ଠାନ ଶୂନ
- ପୌର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା

**ଯୋଡ଼ା,୧୯।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାରେ ବସବାସ କରୁଥିବା କିଛି ଆଦିବାସୀ ଲୋକଙ୍କ ପଟ୍ଟାଭୁକ୍ତ ଜମିରେ ସ୍ଲରି ପାଇପଲାଇନ ଖୋଳାଯାଉଛି। ଏ ନେଇ ଅଭିଯୋଗ ପରେ ବି କମ୍ପାନୀଙ୍କୁ ଅନୁକମ୍ପା ପ୍ରଦାନ କରାଯାଉଥିବା କାଉନସିଲ ଅଭିଯୋଗ କରିଛନ୍ତି। ଏନେଇ ଉତକ୍ଷିପ୍ତ ହୋଇ ପୌର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ କାଚରେ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୱାର୍ଡ ନଂ. ୨ର କାଉନ୍‌ସିଲର ସୌଦାମିନୀ ନାଏକ ପଟ୍ଟାଭୁକ୍ତ ଜମିରେ ସ୍ଲରି ପାଇପଲାଇନକୁ ନେଇ ବିରୋଧ କରି ଆସୁଥିଲେ। ଏ ନେଇ କେନ୍ଦୁଝର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଜଣାଇଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୌରପାଳିକା ନୋ ଓବଜେକ୍ସନ ସାର୍ଟିଫିକେଟ ସମ୍ପୃକ୍ତ ସ୍ଲରି କମ୍ପାନୀକୁ ଦେଇଥିବାରୁ ସେ ଅସନ୍ତୋଷ ବ୍ୟକ୍ତି କରିଛନ୍ତି। ଏ ନେଇ ସେ ଗୁରୁବାର ସନ୍ଧ୍ୟା ୫ଟା ୩୦ରେ ପୌରପାଳିକା କାର୍ଯ୍ୟାଳୟରେ ପୌର ଅଧ୍ୟକ୍ଷଙ୍କୁ ଭେଟିବା ପାଇଁ ଆସିଥିଲେ। ଅଧ୍ୟକ୍ଷ ଅନୁପସ୍ଥିତ ଥିବା ବେଳେ ସେ ଉତ୍ତେଜିତ ହୋଇ ଅଧ୍ୟକ୍ଷଙ୍କ କୋଠରୀ ସମ୍ମୁଖ କାଚ, ଟେବୁଲ ଓ ଫୁଲ କୁଣ୍ଡ ଭଙ୍ଗାରୁଜା କରିଥିଲେ। ଏ ନେଇ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଅଧିକାରୀ ଶ୍ୱେତପଦ୍ମା ଧଳ କହିଛନ୍ତି, ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯିବ। ସ୍ଲରି ପାଇପ୍‌ଲାଇନକୁ ପଟ୍ଟା ଭୁକ୍ତ ଜମିରେ ଯିବା ପାଇଁ କିପରି ଦିଆଗଲା। ଏହାର ତଦନ୍ତ ହେବା ଉଚିତ୍ ବୋଲି ଅନ୍ୟ କେତେଜଣ କାଉନ୍‌ସିଲର ମତ ରଖିଛନ୍ତି।

# ବାଲିଆ ପୋଖରୀ ଉନ୍ନତୀକରଣ ଦାବି



ଅଗ୍ନିଶମ କର୍ମଚାରୀ ପୋଖରୀ ପଡ଼ିଥିବା ଗୋରୁ ଉଦ୍ଧାର କରୁଛନ୍ତି ।

**କେନ୍ଦୁଝର,୧୯।୩(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ୧୧ନମ୍ବର ୱାର୍ଡ ବାଲିଆ ପୋଖରୀ ଉନ୍ନତିକରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସଫେଇ ହେଉ ନ ଥିବାରୁ ଚତୁପାର୍ଶ୍ୱରେ ଜବରଦଖଲ ବଢି ଚାଲିଥିବା ବେଳେ ମଇଳା ପାଣି ପଶି ପୋଖରୀଟି ଅପରିଷ୍କାର ହୋଇଛି।

ପ୍ରକାଶ ଯେ, ପୋଖରୀରେ ଲୋକ ବର୍ଜ୍ୟବସ୍ତୁ ପକାଉଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇପାରୁନି। ପୂର୍ବରୁ ପୋଖରୀ ଉନ୍ନତିକରଣ ପାଇଁ ଆସିଥିବା ଅର୍ଥ ବାଟମାରଣା ହୋଇଥିବା ଜନସାଧାରଣ ଅଭିଯୋଗ ହୋଇଛି। ଏହା ଅସୁରକ୍ଷିତ ଅବସ୍ଥାରେ ଥିବା ଯୋଗୁ ଛୋଟ ପିଲାଙ୍କ ପାଇଁ ବିପଦ ସୃଷ୍ଟି ସାଜୁଛି। ଗୋରୁ ମଧ୍ୟ ବିପଦରେ ପଡୁଛନ୍ତି। ୨ ଦିନ ପୂର୍ବେ ଏକ ଗାଈ ପୋଖରୀରେ ପଡ଼ି ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଥିଲେ। ପୋଖରୀ ଚାରି ପାଖରେ ଗାର୍ଡୱାଲ ନିର୍ମାଣ କରିବାକୁ ଦାବି କରିଛନ୍ତି। ଏହାର ପୁନରୁଦ୍ଧାର କରିବା ସହ ଅନ୍ୟ ପୋଖରୀ ଭଳି ସୌନ୍ଦର୍ଯ୍ୟୀକରଣ କରାଗଲେ ଏହାର ଜଳ ବ୍ୟବହାର ଉପଯୋଗୀ ହୋଇ ପାରିବ ବୋଲି ଲୋକେ କହିଛନ୍ତି। କାଉନ୍‌ସିଲର କଳ୍ପନା ସାହୁ କହିଛନ୍ତି, ପୋଖରୀର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟୀକରଣ ପାଇଁ ପୌରପାଳିକାକୁ ପ୍ରସ୍ତାବ ଦିଆଯାଇଛି। କିପରି ତୁରନ୍ତ କାମ ହେବ ସେ ନେଇ ସେ ନିଜେ ଅଫିସ ଯାଇ ଅନୁଧ୍ୟାନ କରିବେ।

# ଜମୁଛି ପ୍ରସିଦ୍ଧ ବାରୁଣୀଯାତ୍ରା

## ୪ ଦିନ ପାଳନ ହେବ

**କେନ୍ଦୁଝର,୧୯।୩(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ତଥା ସାରା ଓଡ଼ିଶାରେ ପ୍ରସିଦ୍ଧିଲାଭ କରିଥିବା ପୂଣ୍ୟତୋୟା ବୈତରଣୀ ନଦୀର ଉତ୍ସସ୍ଥଳ ଗୋନାସିକାରେ ବାରୁଣୀମେଳା ଧୁମ୍‌ଧାମରେ ଅନୁଷ୍ଠିତ ହେଉଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ଏହା ୪ ଦିନ ବ୍ୟାପୀ ଚାଲିବ।

ପ୍ରକାଶ ଯେ, ପ୍ରତିବର୍ଷ ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ବୈତରଣୀ ନଦୀର ବିଭିନ୍ନ ସ୍ଥାନରେ ଭକ୍ତମାନେ ପବିତ୍ର ବାରୁଣୀ ସ୍ନାନ କରି ସାନିଧ୍ୟ ଲାଭ କରିଥାନ୍ତି। ଏହି କ୍ରମରେ ଏଠାରେ ଥିବା ଦେବକୁଣ୍ଡରେ ଭକ୍ତମାନେ ସ୍ନାନ କରି ଶ୍ରୀ ଶ୍ରୀ ବ୍ରହ୍ମେଶ୍ୱର ମହେଶଙ୍କୁ ଦର୍ଶନ କରିବାକୁ ଜିଲା ଓ ଜିଲା ବାହାର ହଜାର ହଜାର ଭକ୍ତଙ୍କ ଭିଡ଼ ଜମୁଛି। ପୁରାତନ ଜନଜାତି ଜୁଆଙ୍ଗଙ୍କ ଉତ୍ପତ୍ତିସ୍ଥଳ କୁହାଯାଉଥିବା ଗୋନାସିକାର ବାରୁଣୀ ମେଳାରେ ଆଦିବାସୀଙ୍କ ଝଲକ ଦେଖିବାକୁ ମିଳେ। ବିଶେଷ କରି ଜୁଆଙ୍ଗ ଏବଂ ଭୁୟାଁ ସମ୍ପ୍ରଦାୟର ଲୋକଙ୍କ ବ୍ୟତୀତ ଆଖପାଖ ଅଞ୍ଚଳର ବନବାସୀ ରାତିରେ ରହି ନାଚ ଗୀତ କରି ଓ ମୀନାବଜାର ବୁଲି ସମୟ କାଟନ୍ତି। ମେଳା ଅବସରରେ ବାବା ବ୍ରହ୍ମେଶ୍ୱରଙ୍କ ମନ୍ଦିରରେ ବିଧିବ୍ୟବସ୍ଥା ସ୍ୱତନ୍ତ୍ର ଷୋଳପୂଜା ଅନୁଷ୍ଠିତ ହେଉଛି। ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା କେନ୍ଦୁଝର ଉପଜିଲାପାଳ ଉମାଶଙ୍କର ଦଳାଇଙ୍କ ତତ୍ତ୍ୱାବଧାନରେ ଦେବୋତ୍ତର ବିଭାଗର ସୁପରଭାଇଜର ପଞ୍ଚାନନ ସାହୁ, ଗୋନାସିକାର ଶ୍ରୀ ଶ୍ରୀ ବ୍ରହ୍ମେଶ୍ୱରଙ୍କ ମନ୍ଦିରର କୋଠ ତହସିଲଦାର ପଦ୍ମଚରଣ ପରିଡ଼ା ପ୍ରମୁଖ ତଦାରଖ କରୁଛନ୍ତି। ସ୍ଥାନୀୟ ସ୍ୱେଚ୍ଛାସେବୀ ସହଯୋଗ କରୁଥିବା ବେଳେ ଟ୍ରାଫିକ ଓ ଲୋକଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସ ମୁତୟନ ହୋଇଛନ୍ତି।

# କାଳବୈଶାଖୀ ବର୍ଷା ଉଜାଡ଼ିଲା ତରଭୁଜ ଚାଷ

## ଋଣ ଶୁଝିବା ଚିନ୍ତାରେ ଏସ୍‌ଏଚ୍‌ଜି ମହିଳା

**ପାଟଣା,୧୯।୩ (ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମରେ କାଳବୈଶାଖୀ ପ୍ରଭାବ ବର୍ଷାରେ ତରଭୁଜ ଚାଷ ଉଜୁଡ଼ିଯାଇଛି। ଅମଳ ପୂର୍ବରୁ ପବନ ଓ କୁଆପଥର ମାଡ଼ରେ ତରଭୁଜ ଛିଡ଼ି କ୍ଷେତରେ ଗଡୁଛି। ଏସ୍‌ଏଚ୍‌ଜି ଗ୍ରୁପ୍ ଦ୍ୱାରା ହୋଇଥିବା ଉକ୍ତ ଫସଲ ନଷ୍ଟ ହୋଇଯିବା ଫଳରେ ଋଣ ଶୁଝିବା ଚିନ୍ତା ଘାରିଛି।

ପ୍ରକାଶ ଯେ, ଉପରୋକ୍ତ ଗ୍ରାମର ବାଣେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଡୁମୁରିଆ ୟୁନିୟନ ବ୍ୟାଙ୍କରୁ ଋଣକରି ୮ ଏକର ପରିମିତ ଜମିରେ ତରଭୁଜ ଚାଷ କରିଥିଲେ। ତରଭୁଜ ପାକଳହେବାକୁ ଆଉ ୨୦ରୁ ୨୫ ଦିନ ଥିବା ବେଳେ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ କୁଆପଥର ମାଡ଼ ସାଙ୍ଗକୁ ବର୍ଷା ପବନ ତରଭୁଜ ଚାଷ ଉଜାଡ଼ିଦେଇଛି। ତରଭୁଜ ଗଛର ଡଙ୍କ ସବୁ ମୋଡ଼ି ହୋଇଯାଇଛି। ତରଭୁଜ ଉପରେ କୁଆପଥର ମାଡ଼ ଯୋଗୁ ଦାଗ ସୃଷ୍ଟି ହୋଇଛି। ଗଛର ଡଙ୍କ ସବୁ ଛିଡ଼ି ଝାଉଁଳିଯାଇଥିବା ବେଳେ ତରଭୁଜ ଛିଡି କ୍ଷେତରେ ଗଡୁଛି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବିଗତ ବର୍ଷ ସ୍ୱୟଂ ସହାୟିକା ଗୋଷ୍ଠୀ ତରଭୁଜ ଚାଷକରି ଲାଭବାନ୍ ହୋଇଥିଲେ। ଚଳିତବର୍ଷ ୟୁନିୟନ ବ୍ୟାଙ୍କ ଡୁମୁରୁଆ ଶାଖାରୁ ୧୦ଲକ୍ଷ ଋଣ କରି ଚାଷରେ ୬ ଲକ୍ଷ ଟଙ୍କା ନିବେଶ କରିଥିଲେ। ଫସଲ ଉଜୁଡ଼ିଯିବାରୁ ମହିଳା ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଗ୍ରୁପ୍‌ର ଋଣ ଛାଡ଼ କରିବା ପାଇଁ ବାଣେଶ୍ୱରୀ ସ୍ୱୟଂ ସହାୟିକା ଗ୍ରୁପ୍‌ର ସଭାପତି ସୁଲେଖା ନାଏକ ଓ ସମ୍ପାଦିକା ମାଳତୀ ନାଏକ ଦାବି କରିଛନ୍ତି। ପାଟଣା ବିଏଲ୍‌ସି ସୁସ୍ମିତା ସାହୁ କହିଛନ୍ତି, ବ୍ୟାଙ୍କ ତରଫରୁ ପ୍ରଦତ୍ତ ଏହିସବୁ ଲୋନ୍‌ରେ ସବ୍‌ସିଡି ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୋଇ ନ ଥାଏ।



ଉଜୁଡ଼ା କ୍ଷେତରେ ମହିଳାମାନେ।

